ଧର୍ମର ଲେଢ଼ା

ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ

Digitized by srujanika@gmail.com

ଛୁରିଟିଏ ଲୋଡ଼ା

କାଳିନ୍ଦୀଚରଣ ପାଣିଗ୍ରାହୀ

ପ୍ରକାଶକ

ଭାରତୀ ବିହାର

କଟକ

୧୯୫୦

ମୂଲ୍ୟ—୪୧୫ ଦେଢ଼ ଟଙ୍କା

Digitized by srujanika@gmail.com

ବ୍ୟାଖ୍ୟା

ପୁରୁଣା ଦିନର କବିତା ଖୋଜାଡ଼ି ଯାଇ ସମ୍ବଲପୁରର ଏକ ପୁରୁଣାକାଳିଆ ଘରେ ମୁଁ ଅତିଥି ହୋଇଥାଏଁ ଶିଳ୍ପୀ ଶ୍ରୀ ଗୋପାଳ-ଚନ୍ଦ୍ର କାନନ୍‌ଗୋଙ୍କର । କବିତାଗୁଡ଼ିକରୁ କେତେକ ବେଶ ଅନେକ ଆଗରୁ ପତ୍ର ପତ୍ରିକାରେ ପଢ଼ିଥିଲେ । କିନ୍ତୁ ତାହା ପୁସ୍ତକାକାରରେ ପ୍ରକାଶ ପାଇବା କଥା ମୋହର ଧାରଣା ଭିତରେ ଯେପରି ନ ଥିଲା, ତାହାଙ୍କ ଧାରଣାରେ ବୋଧହୁଏ ସେହିପରି ।

ଗ୍ରନ୍ଥାକାରରେ ପ୍ରକାଶ କରିବାର ପ୍ରେରଣା ଯେଉଁମାନଙ୍କଠାରୁ ପାଇଥିଲି, ତାଙ୍କ ମଧ୍ୟରେ ବର୍ତ୍ତମାନ ଲୁକ୍କାୟିତ ନେତା କମ୍ରେଡ୍ ହିମକଣ୍ଠ ପତ୍ର ଓ ପ୍ରକାଶ୍ୟରେ ବିଚରଣ କରୁଥିବା କବି ଶ୍ରୀ ରାଧା-ମୋହନ ଗଡ଼ନାୟକ ଅନ୍ୟତମ । ଏହି ନେତା ଓ କବିଙ୍କର ଏକତ୍ର ନାମୋଲ୍ଲେଖ କରିବାରେ ଅବଶ୍ୟ ମୋର କିଛି ଅସୁବିଧା ନାହିଁ, କିନ୍ତୁ କବିତାଗୁଡ଼ିକୁ ଗ୍ରନ୍ଥାକାରରେ ପ୍ରକାଶ କରିବାକୁ ଗୋଟିଏ ଅସୁବିଧା ଥିଲା ବୋଲି କହି ପାରେଁ । ତାହା ହେଉଛି, ମୋର ଯେ କୌଣସି ରଚନା ପ୍ରକାଶ କରିବା ପାଇଁ ପ୍ରକାଶକମାନଙ୍କର ବାରମ୍ବାର ଆଗ୍ରହ, ଅନୁରୋଧ ଓ ମନଓର୍ ଦାନ ଦେଖାଇବା ।

ଶିଳ୍ପୀ ଗୋପାଳଚନ୍ଦ୍ର କବିତାଗୁଡ଼ିକୁ କିଭଳି ସଜାଣି କରିବାକୁ ହେବ, ତାହାର ଆଭାସ ମୋହଠାରୁ ପାଇ ପ୍ରସ୍ତାବ କଲେ କି ଏହି କ୍ଷୁଦ୍ର କ୍ଷୁଦ୍ର କବିତାସମଷ୍ଟି ତାଙ୍କ ମତରେ ମୁଖ୍ୟତଃ ବର୍ତ୍ତମାନର ଜୀବନର ବ୍ୟାଖ୍ୟା ହୋଇଥିବାରୁ ଗ୍ରନ୍ଥର ନାମ "ବ୍ୟାଖ୍ୟା" ରଖାଯାଉ । କିନ୍ତୁ ସମୁଦାୟ କବିତାବଳୀ ଦୁଇଗୋଟି ଭାଗରେ

Digitized by srujanika@gmail.com

ବାଉଲ୍ତ ହୋଇ "ମନେ ନାହିଁ", "ମହାଦୀପ", "କ୍ଷଣିକ ସତ୍ୟ" ଓ "ଲୁହଟିଏ ଲୋଡ଼ା" ନାମରେ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ହେବାରୁ ଶିଳ୍ପୀଙ୍କର ପ୍ରସ୍ତାବକୁ ମାନିବା ସମ୍ଭବ ହେଲା ନାହିଁ । ଅପର କାରଣ ଏହି ଯେ କୌଣସି ଲେଖକର ରଚନା ତାହାର ଜୀବନର ବ୍ୟାଖ୍ୟା ଛଡ଼ା ଆଉ କିଛି ହୋଇ ନ ପାରେ । ତେବେ ମନେ ହୁଏ, ଶିଳ୍ପୀ ସ୍ୱୟଂ ତାହାଙ୍କ ପ୍ରସ୍ତାବକୁ ପୂରଣ କରିଛନ୍ତି ସ୍ୱୀୟ ଭାବତାଦୀପକ ଚିତ୍ରାଙ୍କନ କରିଅଛରେ । ଲେଖନୀର କେତେ ଶୈଶବ ପ୍ରଚେଷ୍ଟାର ତ୍ରୁଟିବିଧି ମଧ୍ୟ ତୁଳୀର ନୈପୁଣ୍ୟ ବଳରେ ଯେ ଉତ୍କର୍ଷଲ ହୋଇପାରେ, ତାହା ସଚିତ୍ର କବିତାବଳୀରେ ବିଦ୍ୟମାନ । ସେଥିସଙ୍ଗେ ରହିଅଛି ମୁଦ୍ରାଯନ୍ତ୍ରର ସାଧାରଣ ଓ ଅସାଧାରଣ ତ୍ରୁଟିଗୁଡ଼ିକୁ ଶୁଦ୍ଧି ପତ୍ର ଆକାରରେ ପ୍ରକାଶ ନ କରି ସୁଧୀ ପାଠକ "ଶୁଦ୍ଧ ଅଶୁଦ୍ଧ ପୂରାଇ ନାଇବେ" ବୋଲି ଲେଖକ ଭରସା କରେ ।

କାଳିନ୍ଦୀଚରଣ ପାଣିଗ୍ରାହୀ

୨୦ । ୮ । ୧୯୫୦

କୃତଜ୍ଞତା

ଏହି କବିତାଗୁଡ଼ିକରୁ କେତେକ "ଉତ୍କଳସାହିତ୍ୟ", "ନବଭାରତ", "ସହକାର", "ଯୁଗବାଣୀ" ଓ "ମୁକ୍ତିଯୁଦ୍ଧ" ଆଦି ମାସପତ୍ରିକାରେ ପ୍ରକାଶିତ ହୋଇଥିବାରୁ ରଚୟିତା ସେସବୁର ସମ୍ପାଦକମାନଙ୍କଠାରେ କୃତଜ୍ଞ ।

Digitized by srujanika@gmail.com

ସୂଚୀ ପତ୍ର

ସୂଚୀ	ପୃଷ୍ଠା
୧ । ଛୁରଟିଏ ଲୋଡ଼ା	୧
୨ । ମଧୁ-ବିବାହ	୩
୩ । ନରବଳି	୭
୪ । ଚେତନା ସ୍ୱର୍ଗ	୧୩
୫ । ମୋ ବାଣୀ	୧୬
୬ । ହସେ ପାହାନ୍ତି ତାରା	୧୭
୭ । ଫଗୁଣ ଜ୍ୟୋତ୍ସ୍ନା	୧୯
୮ । ଅବୃଷ୍ଟି	୨୨
୯ । ବିରହୀ ଯକ୍ଷ	୨୪
୧୦ । ପ୍ରୌଢ଼ ପ୍ରେମ	୨୭
୧୧ । କଣ୍ଟକ	୩୨
୧୨ । ମୁକୁଳି ପଡ଼ ଗୋ	୩୪
୧୩ । ଏକାକୀ ପଥରେ	୩୭
୧୪ । ଗୁଲର ଘର	୩୯
୧୫ । ବର୍ଷାନାୟିକା	୪୩
୧୬ । ବ୍ୟର୍ଥ ଗୀତ	୪୮
୧୭ । ସିନ୍ଧୁ	୫୧
୧୮ । ପ୍ରାର୍ଥନା	୫୬
୧୯ । କସ୍ତୁରୀ ବା	୬୦
୨୦ । ପଡ଼ନ୍ତ ସନ୍ଧ୍ୟା	୬୪

Digitized by srujanika@gmail.com

ସୂଚୀ	ପୃଷ୍ଠା
୨୧ । ବ୍ୟଥାର ସାଧନ	୬୮
୨୨ । ଗୀରଭ ବ୍ୟାଖ୍ୟା	୭୧
୨୩ । ପୁରୁଷସୂକ୍ତ	୭୪
୨୪ । ଦ୍ରାକ୍ଷାର ଗାନ	୭୭
୨୫ । ପ୍ରେମର ଅର୍ଘ୍ୟ	୮୦
୨୬ । [illegible]	୮୨
୨୭ । ଅଭିମାନ	୮୪
୨୮ । ଭ୍ରମର ପ୍ରେମ	୮୬
୨୯ । ଲକ୍ଷ୍ମୀପୂଜା	୮୯
୩୦ । ଚୈତ୍ର-ମଳୟ	୯୩
୩୧ । ଦର୍ଶନରତି	୯୬
୩୨ । କୁହୁ ସ୍ୱର	୧୦୦
୩୩ । ଭକ୍ତି	୧୦୩
୩୪ । ବ୍ୟର୍ଥ ସ୍ୱପ୍ନ	୧୦୮
୩୫ । ମିଳନ	୧୧୦
୩୬ । ସ୍ମୃତିର ଗାନ	୧୧୨
୩୭ । ମାନସୀ	୧୧୩
୩୮ । ସ୍ୱପ୍ନ-ସୃଜନ	୧୧୫
୩୯ । ଆଗାମୀ	୧୧୯

Digitized by srujanika@gmail.com

ଛୁରିଟିଏ ଲୋଡ଼ା

ଛୁରିଟିଏ ଲୋଡ଼ା

କେତେ କାଳ ଆଉ ଚଳିବ ଏମନ ଭାବେ
ସାଦା! ଯାଥୀସ୍ଥାନ ଶୃଙ୍ଖଳ-ବନ୍ଧନ ନାବେ,
ଚଉଦିଗେ ଗୃହିଁ ନ ଦିଶଇ ଥଳ କୂଳ
କାହିଁ ଶେଷ କାହିଁ ଏ ପଥର ଆଦି ମୂଳ,
ଦୁହିଁଲି ଟେକ୍ତ କଲି ଯେତେ ଦେହପାତ
ଦେବତା ଲଗି ମୁଁ ବଢ଼ାଇଲି ଯେବେ ହାତ
ମୁଠାଇଲି ଯାହା ପୁଲକିତ ମନେ ଭାଳି
ଫିଠାଇ ଗୃହିଁଲି, ଶୂନ୍ୟ ଅକାଶ ଖାଲି ।

ହେ ଦେବତା । ବୋଲି ନୁଆଁଇଲି ଯେତେ ମଥା
ପ.ତାଣେ ବାଜି ସେ ଲିଭିଲା ଦାରୁଣ ବ୍ୟଥା
ବନ୍ଧୁରେଁ ଟେକିବା ପାଇଁ ଦେବତାର ଠେକ
ଛୁରିଟାଏ ଲୋଡ଼ା କାଟିବାକୁ ନାକ ନେକ ।
ନିବିଡ ନିରାଶେ ଦେବତା ପାଶରୁ ଫେରି
ଖୋଜିଲି କାହାର ବଳାଇବ ଦେବେ ହେରି,
ଦୁନିଆ ଭିତରେ ସାଉଁଠିଲି କାହିଁ କେବା
ମଳିବ କାହିଁରେ ପୂଜିବ କରିବ ସେବା

Digitized by srujanika@gmail.com

ଛୁଟିଏ ଗେଡ଼ା

ସୃଜନ ପୁଲକ କାହାର ପୀରତି ଗାଇ
ଜୀଇଁବାକୁ ଏଥି ମାନ ଦନକ ପଣ୍ଡା ।
“ଦଣିତ”, “ମଣିଷ” ଶୁଭିଲା ଦୂରରୁ ଡାକ
ଦୁନିଆର ଯେତେ ଦଳିତ ପୀଡ଼ିତ ଯାକ
ସ୍ପନ୍ଦନ ସେହି ପୁଲକ ପରଶ ରେଖା
ବନ୍ଧୁରପଥେ ବନ୍ଧୁ ସେ ମୋର ଏକା
ସେହି ସେ ଦେବତା ସେହି ମୋର ଆରାଧନା
ସକଳ ପୁଲକ ପରଶର ସରଜନା
ଦୂରେ ଉଭା ହୋଇ ଠେଲିଲି ଯା ଲାଗି ଧୂପ
ପାଖୁଣେ ଆସି ତ ଦେଖିଲି ଅନ୍ୟ ରୂପ ।
ଦଳିତ ପୀଡ଼ିତ ମୋ ତହୁଁ ଅଧିକ କିଏ ?
ମୋ ତହୁଁ ଉତ୍ତପ୍ତ ନିଃଶ୍ୱାସ ତାଳ ଦଏ
ବୁହାଏ ମୋ ତହୁଁ ଅଧିକ କିଏ ବା ଝାଳ
ରୁଧିର କାହାର ମୋ ତହୁଁ ତୀବ୍ର ଲାଲ
ମଣିଷ ପାଶରେ ବନ୍ଧୁତା କଲେ ଯାଇ
ସେହି ହୁଏ ନିଜଡ଼ା ନିଜକୁ ରଖିବା ପାଇଁ
ପତନେ ମୋର ତ ସୁଖୀ ନୁହେଁ ଯେହୁ ମନେ
ତେମନ ବନ୍ଧୁ ନ ପାଇଲି କାହିଁ ଜଣେ !
ସଖା ହୋଇ ଜଣେ ନ ମିଳିଲା କାହିଁକି ତ
ସୁଖ ଦେଖି ମୋର ନ ଜଳଇ ଯାର ଚିତ,
ତଥାପି ହୁଏ ତ ପାଇଛି ବନ୍ଧୁ କୋଟି
ଅଜ ଯାଏଁ ଯେଣୁ କାଟିନି କେହି ମୋ ତୋଟି
ଆଜଯାଏଁ ଯେଣୁ ଦେହ ଧରିଅଛି ଭବେ
ମଣିଷ ଜାତିକୁ ଏହି ଦୟା ପାଇ ଲଭେ ।

୧୯. ୧୧. ୭୯

Digitized by srujanika@gmail.com

ମଧୁ ବିବାହ

ନବାନ୍ନ ଶଙ୍ଖ ଉଠୁ ଗୋ ମନ୍ଦ୍ରେ ବାଜି
ପକ୍ୱ ଧାନର ବିପୁଳ ଗନ୍ଧେ
ସୋରିଷଫୁଲର ମାଦକ ଛନ୍ଦେ
ପୂରିଛି ଗଗନ ଭରିଛି ଭୁବନ ଅଳସିଛି ପବନ ଅଙ୍ଗ
ନବାନ୍ନ ଶଙ୍ଖ ଉଠୁ ଗୋ ମନ୍ଦ୍ରେ ବାଜି ।

ବନ୍ଧୁ ଦବସର ବିସ୍ମୃତ ମୋର ନବାନ୍ନ ନବ ସ୍ୱପନ
ପଉଷ ବାଆରେ ପଠାଇଛି ତାର ମଙ୍ଗଳ ନିମନ୍ତ୍ରଣ
ଦୂର ଦିଗନ୍ତୁ କାନ୍ଦେ ମହୁରୀ
ବାଜି ଉଠେ ଢକା ବାଜି ଉଠେ ତୂରୀ
ଶୁଭ୍ର ତୁଷାର ଶ୍ୟାମଳ ଧରାରେ କରେ ପଦ ଅରପଣ
ଆଣିଛି ସେ ମୋର ନବାନ୍ନର ନିମନ୍ତ୍ରଣ ।

ଆଣିଛି ସେ ମୋର ପ୍ରସ୍ଫୁଟ କୁସୁମ ବୃନ୍ତୁ ତୋଳି ତା' କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା'ର ଫୁଟାଇ ସଜ ଅଧରେ
(କା'ର) ଦିଗନ୍ତେ ମିଶାଇ ସ୍ୱର୍ଣ୍ଣ ଅଞ୍ଚଳ
(ଏଥୁ) ତୁଷାରେ ଝଲସଇ ଚୂର୍ଣ୍ଣ କୁନ୍ତଳ
(ମୋର) କଣ୍ଠ ବାସନା କରେ ଚଞ୍ଚଳ ଛଳ ଛଳ ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ ।

ନବାନ୍ନର ଦିନ ଯାଇ ନାହିଁ ମୋର ସ୍ୱର ନାହିଁ ଯଉବନ
ଲବଣ ଅଳକା ରଚିଛି ସାନ୍ଧ୍ୟ ନୀଳ ନଦୀ ଦରପଣ

Digitized by srujanika@gmail.com

ସିନ୍ଦୁର ଶୋଭା ଦେଉଛି ଗୋଲାପେ
ମୟୂରର ସଜା କଳାପୀ କଳାପେ
କଜ୍ଜ୍ୱଳ ରେଖା ଦଗ୍‌ବଳୟେ ତ ଲଭି ନାହିଁ ଏତେକ୍ଷଣ
ଝଙ୍କାରର ତଥି ବାକି ନାହିଁ ମୋର ସର ନାହିଁ ଯଉବନ ।

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହୁଛି ଝିଲ୍ଲୀନାଦେ
ଆଦ୍ୟ ଅଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲାଞ୍ଛିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହୁଛି ଝିଲ୍ଲୀନାଦେ ।

ବଧୂ ଆସେ ମୋର ଧୀର ସୁଲଳିତ
ଭଙ୍ଗୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜର ଗଣ୍ଡେ ନ କହଇ କଥା
ଭିଦର ବଉଦେ ଲୁଗୁଏ ତା' ମଥା
[illegible]କ୍ଷେ ନବୋଢ଼ ବଂଧା ଲାଗେ ଏ ପୀରତି—
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ଭଙ୍ଗୀୟା ଜୋଛନା ସମ ।

Digitized by srujanika@gmail.com

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତ ନିତ
ବସନ୍ତ-ଫୁଲ ବାନନ୍ତୁଁ ତାହାର
ବହି ଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରଚେ ଚନ୍ଦନ ଗଗନ ଆବୋର
ଗତରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତ
ଧ୍ରୁବତାରାସମ ସେ ମୋତେ ସୁଦୂରୁ
ଚାହିଁ ରହେ ନିତ ନିତ ।

ସେ ପ୍ରେୟସୀ ମୋର ଶର ଯୌବନ
ନବୀନ ସେ ଶରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ର ଶୁଭ ନିମନ୍ତ୍ରଣ ।

ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନ ବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଶର ଯୌବନ
ନବୀନ ସେ ଶରନ୍ତନ ।

କୈଶୋରେ ମୋର ସ୍ୱପନର ସାଥୀ
ପ୍ରୌଢ଼େ ହୃଦୟ ରାଣୀ
ଜରା ଅଙ୍ଗେ ମୋ' ଢାଳିବ ନବୀନ
କାନ୍ତ-ହାର ତା ବାଣୀ ।

Digitized by srujanika@gmail.com

ମୃତ୍ୟୁ ଅଙ୍କେ ତେଜ ଭୟ ଲଜ୍ଜା
ପାଖ ବସେ ମୋର ଚିର ମଧୁ ସଜ୍ଜା
ଅନ୍ଧାର ଯେ ମୋ କକ୍ଷେ ଜାଳିବ ପୀରତି ପ୍ରଦୀପ ଆଣି
କୈଶୋରେ ମୋର ସ୍ୱପନର ସାଥୀ ପ୍ରୌଢ଼େ ହୃଦୟରାଣୀ ।

(ସେହୁ) ମଧୁ ଶେଯୁଁ ମୋତେ ଜଗାଇବ ସେ ତ
ଲଗିଲେ ଊଷା ପବନ
ଜୀବନ ସେ ମୋର ଦେବ୍ରତି ସେ ମୋର
ସାଥୀ ମୋର ଚିରନ୍ତନ ।
ଜୀବନେ ଜୀବନେ ଚିର ସହଚର
ସଜାଇବ ଚିର ବିବାହ ବାସର
ଦଳ ନାହିଁ ମୋର ବିବାହର ତିଥି
ସରି ନାହିଁ ଯଉବନ
ମଧୁ ଶେଯୁଁ ମୋତେ ଜଗାଇବ ସେ ତ
ଲଗିଲେ ଊଷା ପବନ ।

17. 12. 25

Digitized by srujanika@gmail.com

ନରବଳି

ରାଜ୍ୟ ପଡ଼ିଛି ଶତ୍ରୁ କବଳେ
ସକଳ ଶିଳ୍ପ ତ ଗଲାଣି ତୁଟି
ଦେବତା-ଭୂଇଁରେ ମାନବ ନାହିଁରେ
ନ ମିଳେ କାହିଁ ତ ଭିକ୍ଷା ମୁଠି ।
ଉଠେ ହାହାକାର ଦେଶ ଛାରଖାର
କ୍ଷୁଦ୍ର କଳହ ରହିଛି ବେଢ଼ି
ସାନ ସାନ ଜାତି ଧର୍ମର ଭେଦ
ସବୁରି ହାତରେ ଦେଇଛି ବେଡ଼ି
ସବୁରି ଅଧରୁ ହାସ୍ୟ ଶୁଖିଛି
ପଶୁଠାରୁ ହୀନ ମାନବ ଜାତି
କୁକୁରଠାରୁ ଘୃଣ୍ୟ ଅଧିକ
ପର ପଦାଘାତେ ନ ଜଳେ ଛାତି ।
ସ୍ମରୁ ଗୋବିନ୍ଦ ଚନ୍ଦ୍ରାମତନ
ବଦନେ ତାହାର ବିଷାଦରେଖା
ଦୁର୍ଦ୍ଦଶା ଘୋର ଅନ୍ତରେ ତାର
ଦୋଳଛି କରୁଣ କାଳିମାଲେଖା
ଦର୍ପ ସ୍ତବ୍ଧ ଶତ୍ରୁ ଉଜଳ
ସିନ୍ଦୁର-କଳ୍ପ ଫୁଟିବେ ଭାଲେ
ନେତ୍ରେ ତାହାର ଜଳେ ପ୍ରତିଜ୍ଞା
ଅଙ୍ଗ ଶୋଭୁଛି କୃପାଣ ଢାଲେ ।
ଶକ୍ତିଦେବୀର ଅର୍ଚ୍ଚନା କରି
ନିଦ୍ରା ନ ଜାଣେ ଦିବସ ନିଶି

Digitized by srujanika@gmail.com

ଶତ୍ରୁ ପୀଡ଼ାରେ ରାଜ୍ୟ ତାହାର
ମୃତ୍ତିକା ତଳେ ଯାଉଛି ମିଶି ।
ଶତ ସହସ୍ର ପରଜା ଭିତରୁ
ପାଞ୍ଚଟି ତାର ମାନବ ଲେଙ୍ଗା
ମଣିଷ ପରି ଯେ ମଣିଷ ହୋଇବ
ନୁହଇଁ ବ୍ୟାଘ୍ର, ହାତୀ କି ଘୋଡ଼ା
ଜନ୍ମ ମାଟିର ସ୍ୱପ୍ନ ନିଶାଣ
ଉଡ଼ାଇବେ ଯେହ୍ନେ ଗଗନ ତଳେ
ଫେରାଇ ଆଣିବେ ଅରାତି ହସ୍ତୁ
ଆତ୍ମା ନିଜର ଓଠାର ବଳେ
ଫେରାଇ ଆଣିବେ ଦେଶ ଜନନୀର
ଗତ ଇଜ୍ଜତ ମହତ ଯେହ୍ନେ
ପାଞ୍ଚଟି ବୀର ଲେଙ୍ଗା ଆଜି ତାର
ଅଞ୍ଜଳିରେ ଦେବେ ରକତ ଦେହୁଁ ।

X X X X

ଶକ୍ତି ଦେବୀର ବନ୍ଦି ଚରଣ
ଗୁରୁ ଗୋବିନ୍ଦ ହୋଇଲେ ଉଭା
ବାହୁରେ ଖେଳଇ ଉଷ୍ଣ ରୁଧିର
ବକ୍ଷେ ତାହାର ଜାଗଇ ଯୁବା
ବିଦ୍ୟୁ ସମାନ ଉଠିଲା ଚମକି
ସହସା ମାନସେ ଉପାୟ ଏକ
ବାଛିବ ପାଞ୍ଚ ସେନାପତି ଯେହ୍ନେ
ଜନ୍ମ ଭୂମିର ରଖିବ ଟେକ ।
ଶିଷ୍ୟ ସକଳ ଅହ୍ୱାନ ଭାଷେ
"ଦେବତା ଅଛିରେ ମାଗୁଛି ବଳି

Digitized by srujanika@gmail.com

"ମାତାର ସ୍ନିଗ୍ଧ ନୟନ ଯୁଗଳୁଁ
ଦେଖ ରୋଷାନଳ ଉଠଇ ଜଳି

"ମାନବର ମଥା ପାଞ୍ଚଟି ଲୋଡେ
ରକ୍ତ ପିଇ ସେ ଲଭିବ ତୋଷ
"ଜନମ ଭୂମିକୁ କରିବ ମୁକ୍ତ
ଖଡ଼୍ଗେ ଚୁର୍ଣ୍ଣିବ ଶତ୍ରୁ ଦ୍ୱେଷ ।

"ରକ୍ତ ଲୋଡ଼ୁଛି ପଞ୍ଚ ପ୍ରାଣୀର
ମୁଣ୍ଡମାଳିନୀ ଚଣ୍ଡୀ ଉଗ୍ର
"ଦେଖ ଲହ ଲହ ଜିହ୍ୱା ତାହାର
ରକ୍ତ ମାଗଇ ଦନ୍ତ ଦଢ଼

"ମାତୃଭୂମିର ଦାସ୍ୟ ବେଦୀରୁ
କିଏ ରେ ଯୋଦ୍ଧା କରିବ ପୂତ
ଆହ୍ୱାନ ଶୁଣି ରକ୍ତେ ଏ ମାଟି
ସିକ୍ତ କର ହେ ଅଗ୍ରଦୂତ ।"

X X X X

ସ୍ପନ୍ଦନହୀନ ବନ୍ଧୁଜନ
ହୁଁଶର ଚେତନେ ହେବ ଖାଦ୍ୟ
ଗୁରୁ ଗୋବିନ୍ଦ ଗମ୍ଭୀର ନାଦେ
ଫେରିଣ ସେ ଜନତା ହେଲା ଉବଧ ।

ଉନ୍ମାଦ ଉଠେ ବାଜିଲା ସେ ବାଣୀ
ଜନତା କୋଟିଁ ଉଠିଲା ଧ୍ୱନି
ହଜାର ଶିଖ ଜଡ଼ ପ୍ରସ୍ତର
ହାତ ସକଳ ଥାଏ ଅଟଳ

Digitized by srujanika@gmail.com

ରକ୍ତନୟନା ଦେବୀ ସମ୍ମୁଖେ
ବଳର ସ୍ତମ୍ଭ ରହିଛୁ ପୋଡା
ଦେବୀ ସିନ୍ଦୁର ହସ୍ତରେ ଧରି
ଡ଼ାକଇ ସଙ୍ଗ୍ରାମ ପ୍ରଥମ ହୋତା—

" ଦେବୀ ସିନ୍ଦୁର କପାଳରେ ଘେନି
ସ୍ତମ୍ଭେ ଦେବ କେ ପଡାଇ ଗଳା
" ନୀରବ ଏସନ କାହିଁକି ହେ ବୀରେ !
ଜୀବନ କି ତବ ଉଭେଇ ଗଲା ?

" ଜନ୍ମଭୂମିର ମୁକ୍ତି ଲାଗି ରେ
ଭଗୀରଥି ଅଜ ହୋଇଛୁ ଲେଡ଼ା
" ଛି, ଛି, କାପୁରୁଷ ରହିଛ କାତର
ଅଙ୍ଗାର ସମ ହେଲ କି ପୋଡ଼ା ?

" ନିଜ ଇଚ୍ଛିତ ଧନ ମାନ ଅର୍ଥ
ପରହାତେ ଦେଇ ମାଗିବ ଭିକ
" ପ୍ରଦଲେହନକୁ ମଣିବ ଭାଗ୍ୟ
ଏସନ ଜୀବନ ଧିକରେ ଧିକ !

" ଆଗରୁ ତାହାର ରଞ୍ଜିବନକ
ଏ ମାଟି ନିଜର ରକ୍ତଧାରେ
" ଅସ ଅଖ୍ୟାତ ଆସ ଅଶ୍ରୁତ
ଆସ ଉଦ୍ଧତ ଉଗ୍ର ଅରେ !"

× × × ×

ଗୁରୁ ଗୋବିନ୍ଦ ବାକ୍ୟ ବାଣରେ
ଚେତନା ଅଗ୍ନି ସକଳ ପ୍ରାଣେ

Digitized by srujanika@gmail.com

ଏକୁ ଏକେ ବୀର ହେଲେ ଗୃହାଁ । ଗୃହି
ପୁଣି ଦେଖେ 'ଗୁରୁ'ର ଖର କୃପାଣେ

କୃତାନ୍ତ ସମ ନିଷ୍ଠୁର 'ଗୁରୁ'
କ୍ଷଣେ ଗଡ଼ାଇବ ଭୂତଳେ ମଥା
ମୂର୍ଚ୍ଛିବ କିଏ କେମନ ଜୀବନ
ମନେ ପଡ଼େ ପ୍ରିୟଜନର କଥା

ଜନତା ଗହଳୁଁ ଶାନ୍ତ ମୂରତି
ଅମାର୍ଯ୍ୟିକ ଏକ ଯୁବକ ସାର
ଧୀର ପଦେ ଆସି ନୁଆଁଇଲେ ମଥା
ବଦନେ ଲାଗିଛି ହାସ୍ୟଗାର ।

କପାଳରେ ଦେଇ ସିନ୍ଦୁର ଚିତା
ବୋଲେ ଗୁରୁ "ହେଲା ଗୋଟିଏ ବଳି
"ଆଉ ଗୁରୁ ଗୋଟି ଲୋଡ଼ା ଏହାପର"
ଶୋଣିତ ଖଣ୍ଡ ଉଠିଲା ଝଳି ।

ଏକ ଏକ ହୋଇ ଆଉ ଗୃହଜଣ
ନମିଲେ ଗୁରୁଙ୍କ ଚରଣତଳେ
ସବୁରି ବଦନେ ହାସ୍ୟ ଫୁଟିଲ
ଶାନ୍ତ ମୂରତି ବଚନ ବଳେ ।

ଅବାକ ଜନତା ରହିଛି ଚକିତେ
ବାନ୍ଧ କାତର ହୃଦୟା ସକଳ
ଗୁରୁ ଗୋବିନ୍ଦ ନୟନ ଯୁଗଳୁଁ
ବହେ ଦୁଇ ଧାର ଅଶ୍ରୁଜଳ ।

Digitized by srujanika@gmail.com

ଏକ ଏକ କରି କୋଳେ ଦିଏ ଗୁରୁ
ଗଦ୍‌ଗଦ ହୋଇ କହଇ ବାଣୀ
ହଜାର ଭିତରୁ ପାଞ୍ଚଟି ଏହୁ
ମଣିଷ ପାଇଲି ଅଜ୍ଞ ମୁଁ ଜାଣି ।

ଜନ୍ମଭୂମିର ଊର୍ଦ୍ଧ୍ୱେ ନିଶାଣ
ଶତ ଶତ ସେନା ଚଳିବେ ଏହୁ
ତୁମ୍ଭେ ଦେବୀ ବାଳ. ଚକ୍ର ତାଳରେ
ଜନ୍ମମାଟିର ଲାଗି ସେ ଦେହୁ

୨୦. ୭. ୨୪.

Digitized by srujanika@gmail.com

ଚେତନା ସ୍ପର୍ଶ

ମେଘ ତଳେ ଆକାଶର
ଲିଭିଛି ନୀଳିମା
ରବି-ରଶ୍ମି ନ ଚୁମ୍ବେ ଧରାରେ,
ସୁଦୀର୍ଘ ଏ ପ୍ରଭାତରେ
ନୀଡ ବାହାରିଣି
ଝର ପଡ଼େ କି ସୂକ୍ଷ୍ମ ଧାରାରେ ।

ବନ୍ଧୁର ନିଃଶ୍ୱାସ ସମ
ଶୀତଳ ବତାସ
'ଅଙ୍ଗେ ଅଙ୍ଗେ ଯାଏ ମୋର ଛୁଇଁ,
ଏସନ କପାଇଁ ଆଜି
କରେ ମୋର ମନ,
କାହିଁ ଯାଏ କହୁଁ ଅଚେଇ ଫେରୁ ।

Digitized by srujanika@gmail.com

ଛୁଟିଟିଏ ଲୋଡ଼ା

କି ଗୀତ ଗାଇବି ବୋଲି
ଚାହିଁଲି ଆକାଶେ,
କଣ୍ଠେ ମୋର ନ ଫୁଟିଲା ଭାଷା,
ଜୀବନର ଛନ୍ଦଟି ମୁଁ
ନପାରଇଁ ଧରି,
ଭାଙ୍ଗି ଉଠେ ସେହୁ ଶତ ଆଶା ।

କାଟି ଅଛୁ ଘଟେ ଆଜି
ସବୁ ଅବସାଦ
ନିଦାଘର ସୁତୀକ୍ଷ୍ଣ କଟାକ୍ଷ,
ଯା ଲାଗି ଅସହ୍ୟ ହୁଏ
ସକଳ ଦିବସ
ନିର୍ମମ ନିଷ୍ଠୁର ବୈଶାଖ ।

କାହାର ଏ କରୁଣା ଗୋ
କାହାର ପରଶ
କି ରସ ସ୍ୱରଗୁଁ ପଡେ ଝରି,
ନୂତନ ଲଭିଲା ପରି
ଏ ଜୀବନ ମୁହିଁ
ଅନୁଭବେଁ ମନ ପ୍ରାଣ ଭରି ।

ଜୀବନର ଏ ସନ୍ଦେଶ
ଛୁଟିଯାଏ ଦୂରେ,
ଛୁଟି ଯାଏ କାନନେ କାନ୍ତାରେ,
ଏ ବାରତା ମିଳେ ଆଜି
ଓଦା ଘାସେ ଘାସେ
ଉନ୍ମୁକ୍ତ ବିସ୍ତୃତ ପ୍ରାନ୍ତରେ ।

Digitized by srujanika@gmail.com

ମଧୁର ବେଦନା ସମ
ବଂଶେ ଏଦ୍ଧା ବାଜେ,
ବନ୍ଧୁ ନିଏ ଆକାଶ ପବନ,
ମୋର ସର୍ବ ଅଙ୍ଗ ବେଢ଼ି
ଲଗେ ଏ ବାରତା,
ଶୁଭେ ଖାଲି ଜୀବନ ଜୀବନ ।

Digitized by srujanika@gmail.com

ମୋ ବାଣୀ

ଯେ ବାଣୀ ଫୁଟିନ
ଗୋଟିଏ ଜାତିର କୋଟିଏ ମୁଖେ
ସେ ବାଣୀ ମୋହର
ନ ହେଉ ଗୋଚର ନ ଆସୁ ମୁଖେ ।
ଯେ ବାଣୀ ନ କହେ
ମଣିଷ ଜାତିର ଶୋଣିତ ବ୍ୟଥା
ସେ ନୋହୁ ମୋ ଭାଷା
ସେ ବାଣୀ ମୋହର ନ ହେଉ କଥା ।

ଯେ ବାଣୀ ଲୁଚାଏ
ମିଛକୁ ଆପଣା ଗରଭେ ଜାକି
ମୋ ବାଣୀ ତାହାର
ଦେଠାଉ ଜବାବ ଚକୋର ଡାକି

ସେ ବାଣୀ ମୋହର
ଲେଖନୀ ଧରମ ଯେ ମୋର ଭୂଷା
ଦୁନିଆ ଗୋଠାର
ଅସାଢ଼ ଉପରେ ବସାଉ ଛୁଷା

ଦସ୍ୟୁ ଛଢ଼ ଚର
ପିଶାଚ ସଙ୍ଗେ ମଣିଷ ଗଢ଼ୁ
ସେହୁ ବାଣୀ ମୋର
ଦୁନିଆ ଯାକର କାନରେ ପଡ଼ୁ

Digitized by srujanika@gmail.com

ହସେ ପାହାନ୍ତ ତାରା

ବର୍ଷକ ପରେ କାର୍ତ୍ତିକ ଆସେ ହସେ ପହାନ୍ତ ତାରା
ଶହୀଦ ବୁକୁଁ ଝରେ ଦୁନିଆର ଅଦ୍ୟାପି ଲହୁଧାରା,
କଟକ ସହରର ପଥ ଗଳି ଏବେ ନିର୍ଜନ ପରିମ୍ଳାନ
ଶେଷ ଯାମିନୀର ତନ୍ଦ୍ରା ତୁଟାଇ ଉଡ଼ିଗଲା ବ୍ୟୋମଯାନ ।
କହ କମ୍ରେଡ୍, ଏ ଘରେ କାହିଁକି ଆଲୁଅ ତ ଜଳୁ ନାହିଁ
କହ କହ ସାଥୀ ଡଗରପଡ଼ାର ଡଗର ଗଲାଟିରେ କାହିଁ ?
ଏଠୁ ସେ ଗଳିର କୁଡଆ ଭିତରୁ ନିଭିଲା କାହିଁକି ବତୀ,
ଦଣ୍ଡରେ ଯବାବ ଚିର ଅସ୍ଥିର କାହିଁ ଗଲା ଭଗବତୀ ?
କାହିଁକି ବିରସ ଚିତ୍ର ଯୁବକ କହୁ ଯାଅ ହସ ଖେଳ
ଦୁଃଖକୁ ଯେମନ୍ତ କର ପରିହାସ, ମୃତ୍ୟୁକୁ ଅବହେଳା ।
ପେଶିଛୁ ଡଗର ଆଣିବ ଖବର ଗାଇବ କି ଅବା ଯଶ
ବୁହାଇ ଆଣିବ ଦୁଃଖ ପାଶୋରି ଦୁନିଆ ପାଇବ ରସ ।
କାହିଁ ସାହାଯ୍ୟ-କେନ୍ଦ୍ର କେତେରେ ଅନାହାରେ ମରେ ପ୍ରାଣୀ
ସବୁଠାରେ ସେବକ ଦେଖୁଛୁ ସପନ, ସବୁଠି ଶୁଭେ ତା ବାଣୀ
ଡ଼ିନାମାଇଟ୍ ସେ ଫଟାଇ ପାହାଡ଼ କରିବ କି ଟଲମଲ
ସବୁ ଖାଲଖମା ପୋଛି ଧରଣୀର ସରଜିବ ସମତଳ

Digitized by srujanika@gmail.com

ମର୍ତ୍ତ୍ୟ ସମାଜେ ଗଢ଼ିବ ନୂତନ ସମାଜର ଉପାଦାନ
ଏହି ଥିଲା ତାର ସ୍ୱପ୍ନ ଶପଥ, ଏହି ତାର ଅଭିମାନ ।
ସୌଜନ୍ୟ ଜଗି ଘୃଣ ସୁମରିବ କିବା ତା ସୋଦର ଭାଇ
ଦେଶମନ୍ତ୍ର ଅଗ୍ନି ଜାଳି ଜୁଅରେଣୁ, ଭଗବତୀ ଗଲା କାହିଁ ?
ଅରଜି ନ ଥିଲା ଧନ ଦଉଲତ, କରିଛି କେବଳ ଦାନ
ଜନମ ଅବଧି ଦୁର୍ବଳ ଦେହେ ଘେନିଥିଲା ଯେଉଁ ପ୍ରାଣ,
ଘେନିଥିଲା କ୍ଷୀଣ ମୁଷ୍ଟିରେ ତାର ପସ୍ତ ସେ ଅସୀମ ବଳ
ଦୁଃଖ ହିଅଇ ଶିଖିଥିଲା ତହିଁ ହସିବାର କଉଶଳ,
ହସନର ହସରେ ଖେଳିଆଡ଼ ଦଳ ହସି ଶିଖାଇଛି ସେହି
ଭଗବତୀ ଦେଶେ ବୃହ୍ମାଇ ଅଣରେ ପୁଣି ସେ ହସର ଢେଉ ।

୧୯୬୫

—— ୦ ——

Digitized by srujanika@gmail.com

ଫଗୁଣ ଜ୍ୟୋସ୍ନା

ମୋ ମରମ କଂପା ସଚକିତ
ଫଗୁଣ ଜୋଛନା ତଳେ ମିତ
ଯୌବନ ଛଳ ଛଳ ଧରଣୀ
ନୀଳ ଜଳେ ଭସିଯାଏ ତରଣୀ
ଉନ୍ମନା ଆଜ ମୋର କରଣୀ
ନ ମାନଇ ଭଷା ବନ୍ଧ ଗୀତ ।

ପବନ ସେ ରଣରଣି ବହୁଇ
କାନେ କାନେ କାହା କଥା କହଇ
ପୀଡ଼ିତ ଉଦାସ ମୋର ମରମ
ଚଞ୍ଚଳ ଉଠେ ତେଜି ସରମ
ଉଡ଼ୁଙ୍କାଇ ଭଣ୍ଡର ଭରମ
କେଉଁ ଫୁଲ ବାସି ଛୁଟି ମୋହଇ ।

Digitized by srujanika@gmail.com

ସେ ଫୁଲ ଫୁଟଇ କେଉଁ ଦେଶେ
ଅତୁଳ ଭୁବନ ପାର ବେଶେ
ସେ କେଉଁ ପ୍ରେୟସୀ ମୋତେ ଲୋଡ଼ଇ
ମିଳନ ବାସନାବର୍ଣ୍ଣି ବଢ଼ଇ
ଭୁବନେ ଭୁବନେ ହସ ଛାଡ଼ଇ
ଭୁବନେ ଭୁବନେ ଗୀତ ଲେଶେ ।

ଫୁଲେ ଫୁଲେ ଧରା ଉଠେ ଫୁଲି
ଯୌବନ ଶିଶୁ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ।

କଣ୍ଠ ଧରାର ଗୀତ ସାଧନା
ଦୁର୍ଦ୍ଦିନ ଶତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅଧିର
ଭୁଲି ଛାଡ଼ିଦେବ ସବୁ ବେଦନା ।

Digitized by srujanika@gmail.com

ତାପିତ ମରମ ଯେତେ ବରଷି
ସବୁ ଜ୍ୱାଳା ଏ ପବନେ ମରଇ
ଚାଣ୍ଡାଳ ଧନୀ ବାସେ ସମାନେ
ଭେଦାଭେଦ ଶ୍ରେଷ୍ଠ ବଡ଼ ନ ମାନେ
ଆସିଛି ସେ ପୁଷ୍ପକ ବିମାନେ
ଯାଏ ଖେଳି ଫୁଲେ ଫୁଲେ ହେ ବନ୍ଧୁ ।

ଫଗୁଣର ସ୍ୱର ଖୋଳ ଗୀତ
ଅସିଛି ଧରାରେ ପ୍ରାଣମିତ
ଆଜି ଖାଲି ହସିବାର ଭୁଲିବାର
ଜୋଛନାରେ ନାଚ ଆଜି ବାର ବାର
ପୋଛି ଆସ ନୟନରୁ ଲୁହ ଧାର,
ବନ୍ଧୁ ହୋଇଛି ଉଲସିତ ।

21. 2 26.

Digitized by srujanika@gmail.com

ଅବୁଝା (ସଂଗୀତ)

ଅବୁଝା ଆରେ ଅବୁଝା
ବୁଝିଲୁ ନାହିଁ ଧନ ହଜାଇ ଦେଉ ଯାହା
ପାଥେୟ ପଥେ ପୁଣି ଲଭୁ ଯା'
ମରମେ ଯେତେ ଗାର ପଡ଼ିଲା
ଜୀବନ୍ତୁଁ ଯେତେ ତାର ଛିଡ଼ିଲା
ବୁଝିଲୁ ନାହିଁ ମୂଲ
ନ ଫୁଟି ଯେତେ ଫୁଲ
ମଉଳି ଧୂଳି ପରେ ଝଡ଼ିଲା ।

ଅବୁଝା ଅରେ ଅବୁଝା
ଦୁଃଖର ଘରେ କେତେ ସୁଖର କଳପନା ରଚିଲୁ
ପରର ଧନ ଯେତେ ନିଜର କରି ଭୁରେ ସଁଚିଲୁ
ଝଡ଼ର ରତି ତୋର ଉଇଁବେ କାଲି ଭୋର
ସପନ ଦେଖି ସିନା ବଁଚିଲୁ ।

Digitized by srujanika@gmail.com

ଅବୁଝା ଆରେ ଅବୁଝା
କେତେରେ ଅଲୋକର ଚେତନା
ଢାଳୁଛି ଅମାନିଶି ଜୋଛନା
ନୟନ କୋଣେ କାହିଁ ଝଲେତ ତାହା ପାଇଁ
ଉଦଲୁ ନାହିଁ ତୋର ଶୋଚନା
ଅବୁଝା ଆରେ ଅବୁଝା ।

ଘେତକ ଛଳେ କେତେ
ଅଶାର ଉଷା ଛବ ଖେଳିଲୁ
ମାନସ ଅକାଶରେ
ଫାନସ କେତେ ଶତ ଜଳିଲୁ
ବଦଳିଲୁ କେତେ ରୂପ ବୁଝିଲୁ ନାହିଁ ରୂତ
ସ୍ୱପନ କେତେ ତୋର ଠେଲିଲୁ
ଅବୁଝା ଆରେ ଅବୁଝା ।

Digitized by srujanika@gmail.com

ବିରହୀ ଯକ୍ଷ

ଝର ଝର ବାରିଧାର
ପଡ଼ୁଛି ଝର
ଅନ୍ଧକାର ଚଉଦିଗ
ଦେଖି ଅବର,

ଗୁରୁ ଗୁରୁ ଡାକେ ମେଘ
ଗଗନ କଣେ
ବସିଅଛି ପ୍ରସ୍ତରେ ମୁଁ
ନଗନ ମନେ ।

କି ବାରତା ଆଣିଛ ହେ
ଘନ ନବୀନ
ହୋଇନାହିଁ 'ଆଷାଢ଼ର
ପ୍ରଥମ ଦିନ' ।

ତାହା ମୁଖ ଦେଖେ ମୋର
ନୟନ ତାରା
କି ବାରତା ଆଣିଚ ହେ
ବରଷା ଧାରା ।

Digitized by srujanika@gmail.com

କାହା ପାଇଁ ସ୍ନେହ-ନଦୀ
ଛୁଟଇ ବେଗେ
ବିଜୁଳି ଚମକେ ଯେବେ
କଜ୍ଜଳ ମେଘେ ।

ତାହାର ନୟନ ମୁଖ
ଦିଶଇ କ୍ଷୀଣ
ହୋଇ ନାହିଁ 'ଆଷାଢ଼ର
ପ୍ରଥମ ଦିନ' ।

ଆଜି ସେ କି କରୁଥିବ
କୁଟୀରେ ବସି
କପୋଳୁଁ ଓଢ଼ଣା ତଳେ
ପଡ଼ିବ ଖସି ।

ସିକ୍ତ ହୋଇଥିବ ଗୁରୁ
ଚରଣ ଦୁଇ
ଫିଟି ଲୋଟୁଥିବ କେଶ
ଧରଣୀ ଛୁଇଁ ।

ଭରୁଥିବ 'ବିଧୁ କପାଁ
କଳ୍ପିତ ଭିନ
ହୋଇ ନାହିଁ ଆଷାଢ଼ର
ପ୍ରଥମ ଦିନ ।'

Digitized by srujanika@gmail.com

ମାସ ପରେ ମାସ ବର୍ଷ
ଯାଉଛି ବହି
ଦୁଃଖେ ହୃଦ ଭର ଆଉ
ନ ହୁଏ ସହି ।

ପୋଥିପତ୍ର ଛାଡ଼ି ଯା'ନ୍ତୁ
ଭୁଲିଲୁ ବସେ
ବାନ୍ଧୁଥିବ ଦିନ ସଖୀ
ସଙ୍ଗରେ ହସି ।

ନ ହେବ ସ୍ନେହବନ୍ଧନ
ନ ହେବ ଛିନ
ହେ'ଇ ନାହିଁ 'ଅଷାଢ଼ର
ପ୍ରଥମ ଦିନ ।'

୧୫ । ୫ । ୨୦

Digitized by srujanika@gmail.com

ପ୍ରୌଢ଼ ପ୍ରେମ

କି କଥା କହିଲ ଯେ
ନୁଆଇଁ ମୁଖ ଲଜେ
        ଆଜି ସେ ନାହିଁ ମନେ ନାହିଁ ଗୋ,
ନୟନ ଗୁରୁ ପକ୍ଷୀ
ଧରଣୀ ପରେ ରଖି
        ନିରେଖି ନ ପାରିଲ ତୁହିଁ ଗୋ ।

        ମାନିଲ ନାହିଁ ମନା ବ୍ୟଥା ଗୋ
        ଧୀରେ ପଣତ ଧରି ତାହାର
ଚଳୁର ଧର ବୁକେ
କେତେ ସେ କଉତୁକେ
        ଖେଳିଲ ଗେଲ କାହିଁ ପାଇଁ ଗେ
        ଆଜ ସେ ନାହିଁ ମନେ ନାହିଁ ଗୋ ।

Digitized by srujanika@gmail.com

ନୟନ ପତା ଠେକି
ଥରେ ସେ ଦେଲା ଦେଖି
ମଳିନ ମୋ ବଦନ ଶୀର୍ଣ୍ଣ ଗୋ,
ନୁଆଁଇ ପୁଣି ମଥା
କହିଲା ନାହିଁ କଥା
କହିଲା ନାହିଁ ଥିର ଥିର ଗୋ

ଗୋଟିଏ ଚାହାଣି ସେ ଚାହିଁଲା
କୋଟିଏ ଯୁଗ କଥା କହିଲା,
ଗୋଟିଏ ସେ ଚାହାଣି
ବକ୍ଷରେ ଦେଲା ହାଣି
ମରମ ଦେଲା ମୋର ଚିରି ଗୋ
କହିଲା ନାହିଁ ଥିର ଥିର ଗୋ ।

ଅଧର ଭାଷା ତାର
ଶ୍ରବଣ ଆଶା ତାର
ପାରିଲି ନାହିଁ ମୁଁ ତ ବୁଝି ଗୋ,
ସେ ମୁଖ ଦରଶନେ
ସେ ପ୍ରୀତି ବରଷଣେ
ଦମ୍ଭ ଗଲା ଭାଙ୍ଗିରୁଜି ଗୋ,

ଚୂର୍ଣ୍ଣ କୁନ୍ତଳ ଗୁରୁ କପୋଳେ
ନାଚୁଥିଲା ସେ ଅତି ଚପଳେ,
କମଳ ଦଳେ ଅବା
କେଶରରାଶି ଶୋଭା
ସୁଷମା ପାରାବାର ସଂଜ୍ଞା
ପାରିଲି ନାହିଁ ମୁଁ ତ ସମଝି

Digitized by srujanika@gmail.com

ବିଦାୟ ଦିଅ ବୋଲି
ଲୋତକେ ଚକ୍ଷୁ ଗୋଳ
ଭରସି ନ ପାରିଲି କହି ଗୋ,
ସନ୍ଧ୍ୟାର ସମୀରଣ
ଚୁମିଲା ଶ୍ରୀ ଚରଣ
ଚୁମିଲା ଦେହମୟ ବହି ଗୋ

ମୁଖରୁ ନ ଫୁଟିଲା ବଚନ
ମରମେ ଭରିଲା ବେଦନ
ବିଦାୟ ଘେନି ରବି
ପଶ୍ଚିମେ ଗଲା ଡୁବି
ସମୀର ବହେ ରହି ରହି ଗୋ
ଭରସି ନ ପାରିଲି କହି ଗୋ ।

ସେ ଦିନ ନାହିଁ ଆଜି
ରହିଛି ସ୍ମୃତି ସାଜି
ନାହିଁ ସେ ବ୍ୟଥା, ଅଛି ପରିହାସ,
ନାହିଁ ସେ ବିରହର
ହସ୍ତା ଦୁଃଖ କାତର
ନାହିଁ ସେ ମିଳନର ସୁହାସ ।

ମେଲାଣି ମାଗିବାର ବେଳରେ
ତେସନ ଦେହ ନାହିଁ ଶିହରେ
ସେ ଚିନ୍ତା ସେ ବେଦନା
ବିନିଦ୍ର ସେ ଭାବନା
ସେ ଅନୁଶୋଚନାର ଗରସ
ନାହିଁ ସେ ବ୍ୟଥା ଅଛି ପରିହାସ ।

Digitized by srujanika@gmail.com

ତ୍ରୁବଟିଏ ଘେଡ଼ା

ନିମେଷ ଦେଖା ଲଗି
ନିଶି ନ ହୁଏ ଜାଗି
ନ ହୁଏ ଲେଖି ଆଉ କବିତା,
ଫୁଟଇ ତ ଶେଫାଳି
ଶରତ ଗଳା ମାଳି
ହସେ ପ୍ରଦୋଷ ଉଷା ସବିତା

ଆକାଶେ ତୃଣାସ୍ତାର ଜୋଛନା
ଚିତରେ ନ ରଚଇ ଶୋଚନା
ଆସଇ ମଧୁମାସ
ନବୀନ ପରକାଶ
ପରଶ ଦେଦେହେ ମନେ ଲଭି ତା'
ନ ହୁଏ ଲେଖି ଆଉ କବିତା ।

ଲୁଚ ଗୋ ଲୁଚ ପୁଣି
କେତେ ଠରେ ଭୁନ ଭୁନ
କେତେ ରେ ଗୃରୁ ଗୃଣ୍ଠୁ ବଚନ,
କେତେ ଗୋ ରୁଷା ରୁଷି
କେତେ ସେ ହସ ଖୁସି
ମଥାର ଆଦରଣ ମୋଚନ ।

ଭାଙ୍ଗିବା ପାଇଁ ନୀରବତା ଗୋ
ଶୁଣିବା ପାଇଁ ପଦେ କଥା ଗୋ,
ଅସାଧ କେତେ ମୋର
କର ସାଧନା ଘୋର
ସହସ୍ର କଉତୁକ ରଚନ
କେତେ ସେ ଗୃ ଗୃଣ୍ଠୁ ବଚନ

Digitized by srujanika@gmail.com

ସୁଖ ସ୍ୱପନ ସମ
ସକଳ ଆଜ ମମ
ମିଳାଇ ଯାଉଅଛି କାହିଁ ଯେ
ସମସ୍ତ ନାହିଁ ମିଳେ
ବସିବା ପାଇଁ ଛଳେ
ଆକାଶ ପଥେ ଗୃହିଁ ଗୃହିଁ ରେ

ଜୀବନ ତନ୍ତ୍ରୀ ସ୍ୱପେ ବୁଢ଼େ ଗୋ
ବିଶ୍ୱ ପାସ୍ୱାର ଝୁଲେ ଗୋ,
ଦରଷା ଶୀତ ଅନ୍ତ
ନ ମାନ ଦୁଃଖ ବ୍ୟାଧି
ଜୀବନ ତନ୍ତ୍ରୀ ନିଏ ବାନ୍ଧି ଗୋ
ସମସ୍ତ ନାହିଁ ଅଉ ନାହିଁ ଗୋ ।

Digitized by srujanika@gmail.com

କଟକ

ଉଡ଼ି ବୁଲୁଥିଲି ଉପରେ ଆକାଶ ରଥେ
କେତେ ଗିରି ମାଳ ମନେ ନାହିଁ ତାର ନାମ
କେତେ ନଦୀ ବନ କେତେ ଶାଳବନ ପଥେ
କେତେ ଯେ ଦେଉଳ ଅପରୂପ କାରୁକାମ
କଟକ ସହର ଅଟକାଇ ଦେଲା ମୋତେ
ଦୋକାନ ବଜାର ଘାଟ ଗଳି ବାଟେ ବୁଲି
ସବୁଠାରେ ଯାହା ଶୁଣିଲି, ଦେଖିଲି ସତେ
କଟକେ କେବଳ ରାଜନୀତି ଆଜିକାଲି ।

କଟକ ସହର ବାରବାଟୀ ମାଟି ଛୁଦ
ଉପୁଜି ତେସନେ ପୁଞ୍ଜିତ ଅଭିଳାଷ
ତେସନେ ଉପୁଜି ଚଟେ କେତେ ଶତ ମୁଦ
ସମାଧି ଘେନିଛି କେତେ ଋତୁ କେତେ ମାସ
ଗଣି ନୋହେ ତାହା ଯଥା ମହାନଦୀ ବାଲି
ହେଲଣି ଆଜି ସେ ବିସ୍ମୃତ ଇତିହାସ
କଟକେ କେବଳ ରାଜନୀତି ଆଜିକାଲି ।

Digitized by srujanika@gmail.com

ଏକ ଦିନକର ଭୁଲି ଯାଇଥିବା କଥା
ଆଉ ଦିନକର ହଜି ଯାଇଥିବା ଗୀତ
ଖୋଜି ଯାଉଥିବା ନିମେଷର ଅତୁଳତା
କେଉଁ ଦିନ କାହିଁ ମରି ଯାଇଥିବା ଚିତ୍ତ
ନାହିଁ କିଛି ନାହିଁ ସବୁ ଲାଗେ ଖାଲି ଖାଲି
ନାହିଁ ସେ ବରଷା, ନାହିଁ ସେ ନିଦାଘ, ଶୀତ
କଣ୍ଠେ କେବଳ ରାଜନୀତି ଆଜିକାଲି !

ବିରାଜିଉ ଏଥି ଆଜି ସେହି ରାଜନୀତି
ବିଦାୟ କରିଛି ସକଳ ନୀତିକୁ ଯାହା
ଦୂରକୁ ପକାଇ ସବୁ ଲାଜ ମାନ ଭୀତି
ସୁବିଧାବାଦର ଫିଟାଇ ନୂତନ ରାହା
କାମଠାରୁ ବଡ଼ ହୋଇଅଛି କରତାଳି
ସବୁଠାରୁ ବଳି ଖବର-କାଗଜ ମାୟା
କଣ୍ଠେ କେବଳ ରାଜନୀତି ଆଜିକାଲି !

Digitized by srujanika@gmail.com

ମୁକୁଳ ପଡ଼ ଗୋ

ତୁମେ ମୁକୁଳି ପଡ଼ ଗୋ
ଦକ୍ଷିଣ ମଳୟ ଅଙ୍ଗେ,
ମୁଁ ଗୋ ମତୁଆଲ ହେବି
ସେହି ସଉରଭ ସଙ୍ଗେ ।
ତୁମେ ଆଯ ମୁକୁଳେ
ମୁକ୍ତ କର ଗୋ କବରୀ
ଏହି ତ୍ରିଭୁବନ ଗଗନ ଅମ୍ବର,
ମୁଁ ଗୋ ମଧୁଲିହ ସମ ଗୁଣୁ ଗୁଣୁ ରବେ
ହସି ପିବ ତହିଁ ବହ୍ୱର ।

ତବ ଗନ୍ଧ-ବିହ୍ୱେର ଅନ୍ତର ମମ
ହୋଇଯିବ କ୍ଷଣେ ଅନ୍ଧ
ମୋର ନିଭିଯିବ ସ୍ୱର ଛନ୍ଦ,
ତବ ଅରୁଣ ମଧୁର ଅଧରୁ ଝରିବ
ଯେବେ ଢଳେ ମକରନ୍ଦ ।

Digitized by srujanika@gmail.com

ତୁମେ ଲତାଇ ପାଅ ଗୋ
ମୋର ଦେହ ମନ ପରାଣେ
ତୁମେ ଫୁଟ ଗୋ ବରଣେ ବରଣେ
ମୋର ଅଧରେ ସେ ଶୃରୁ ନୟନ ଶୃଷି ମୁଁ
ମୃତ୍ୟୁ ଜୀବନେ ମରଣେ ।

ତୁମେ ପଦ୍ମ-ଶତଦଳ-ଚରଣ ରଖ ଗୋ
ଆଜି ଏ ଲୋହିତ ଉଷାରେ
ଯାହା ଦୂର ହିମାଳୟ ତୁଷାରେ,
ମୁଁ ଗୋ ଚକିତେ ଚାହିଁଲି ଚମକି ନ ଯାଉ
ଅଭିମାନ ଲାଜ ରୁଷାରେ ।

ତୁମେ ତରଳ ପଡ଼ ଗୋ
ପିକ କୁହୁ ସମ ମରମେ,
ମୋତେ ଜଡ଼ାଇ ଧର ଗୋ ସରମେ,
ମୁଁ ଗୋ ଚିରଦିନ ସେଇ ପୁଲକ ପରଶ
ଲଭିଲି ଭରମେ କରମେ ।

ତୁମେ ମଳୟ ନ ହୁଏଁ ତୋଳ ଗୋ ସୁମନ
ଧୀରେ ଅଙ୍ଗୁଳି ବଢ଼ାଇ,
ପିକ ନ ଗାଉଣୁ ଗୀତ ତାର ନିଅ ଛଡ଼ାଇ
ରବି ଉଦେ ନୋହୁ ଅଞ୍ଚଳ ତବ
ଶିଶିରେ ଅଶ ଗୋ ନୁହାଇ ।

Digitized by srujanika@gmail.com

୩୭. ## ଛୁଞ୍ଚି ଏ ଲେଖା

ତୁମେ ରହ ରହ ପ୍ରିୟ
ଚିରଦିନ ସଜ ନୂତନ
ଚିରହାସ ମୁଖ ରତନ
ସଦା ସ୍ନିଗ୍ଧସମ ସ୍ନେହ ଅମଳିନ ଅଖି
ରଖିବ ମୁଁ କରି ଯତନ ।

ମୁକୁଳର ବ୍ୟଥା-ମଳୟ ସେ ଯଥା
ବହେ କି ପୀରତି ସୁମର
ସବୁ ବ୍ୟଥା ପ୍ରିୟ ବହିବ ମୁଁ ତଥା ତୁମର
ସବୁ ଅବସାଦ ମୋତେ ଦେଇ ପ୍ରିୟ
ତୁମେ ହସ ଗୀତେ ଗୁମର ।

4. 1. 26.

Digitized by srujanika@gmail.com

ଏକାକୀ ପଥରେ

ଏକାକୀ ପଥରେ ମୁଁ   ଏକାକୀ ପଥରେ
ନାହିଁ ମାନବ ପ୍ରାଣୀ,   ନାହିଁ ଆଶାର ବାଣୀ,
ମଉନ ବ୍ରତରେ ମୁଁ ଏକାକୀ ପଥରେ ।

ସ୍ୱପନେ ଉଛୁଳଇ   ଆନନ୍ଦ ରଙ୍ଗ ରଙ୍ଗ
ଅନନ୍ତଧାନ ହୃଦ୍ୟା   ଗୃହଛି ମୁଁ ଯେ ବନ୍ଧୁ
ଜୀବନ ମ୍ଳାନ ମୋର ଆଘାତ ଶତରେ
ମୁଁ ଏକାକୀ ପଥରେ

ବସନ୍ତ ସୁଖ ଅତେନ   ବ୍ୟଥା ମୋ ଦାକେ ଗାନେ
ହୃଦୟ ମ୍ରିୟମାଣ   ଛଳନା ଅପମ ନେ
ସକଳ ଝିମ୍ଭାମୂଳେ ବେଦନା ଘାତରେ
ମୁଁ ଏକାକୀ ପଥରେ ।

ଦେହ ଲୁଟେ ପଛମେ   ମୋ ହୃଅ ଭରେ ହୃମେ
ବିକଳ ନୟନେ   ମୁଁ ଗୃହୁଁ ରହେ ଅସୀମେ
ଅଛହୁଁ କାବ୍ୟମାଖୀ ଛଳନ ପ୍ରତରେ
ମୁଁ ଏକାକୀ ପଥରେ ।

ତରୁଣ ମନ କଥା   କରୁଣ ମର୍ମ ବ୍ୟଥା
କହୁବ କାହା ଆଗେ   ଦୁଃଖ ପ୍ରଶ୍ନ ପ୍ରଥା
ଶୀତ ପରଶେ ମୋ ସୁଖ ଶରତରେ
ମୁଁ ଏକାକୀ ପଥରେ

Digitized by srujanika@gmail.com

ଶତ ପ୍ରତିଜ୍ଞା ମୋର   ଆଶା ସପନ ଘୋର
ଆକାଂକ୍ଷା ରଙ୍ଗୀ ରଙ୍ଗି   ସନ୍ଧ୍ୟା କରଇ ଦୂର
ଉଦୟ ହୁଏ ପାନ୍ଥ ଶୁଭ୍ର ପ୍ରଭାତରେ
ମୁଁ ଏକାକୀ ପଥରେ ।

କେତେ ବିଦ୍ୟୁତ ଚମକ   ଘନ ବଜ୍ର ଦମକ
ଆସଇ ଭୀମ ବେଗେ   ଝଞ୍ଜା ବଢାସି ଦକ
ପଦେ ଆଶ୍ୱାସ ପାଇଁ ନାହିଁ ସେ ସାଥରେ ।
ମୁଁ ଏକାକୀ ପଥରେ ।

ଏ ମରୁ ପ୍ରାନ୍ତ ଆଜ   ପଲ୍ଲବେ ତୃଣରାଜ
ନାଃକି ଲୋଗି ଜେବେ ତ   ସମ୍ଭାର ଅଛି ସଜ
ଏତିକି ସାନ୍ତ୍ୱନା ଏ ଅନ୍ତରଗତରେ
ମୁଁ ଏକାକୀ ପଥରେ ।

Digitized by srujanika@gmail.com

ଶୃଙ୍ଖଳର ଘର

ଶୃଙ୍ଖଳର ଘରେ ଜନ୍ମ ମୋର
ଶୃଙ୍ଖଳର ଘରେ ଥାଏଁ
ଶୃଙ୍ଖଳର ଘରେ ପିଅଇଁ ପାଣି
ଶୃଙ୍ଖଳର ଘରେ ଖାଏଁ
ପରଶ ଦିଅ ହୃଦୟେ ମୋର
ନୂତନ କରି ବଜାଅ ସ୍ୱର
ଜୀବନ ବ୍ୟଥା ପରିବେଶର
ନୂତନ କରି ଗାଏଁ !

Digitized by srujanika@gmail.com

ଛୁଟି ଏ ଲୋଡ଼ା

ଗୃଳର ଘରେ ଦୁଃଖ ସୁଖ
ରହିଛନ୍ତି ମୋର ଜଡ଼,
ବାସନା ଶତ ବହୁଛି ମୁଁ ଗୋ
ଗୃଳର ଦରେ ବଢ଼ି
ଲୋଲୁପ ମୋର ସେହି ବାସନା
ବଢ଼ାଇ ଅଛି ଲୋଳ ରସନା
ଦଗଦଗନ୍ତେ ତାର ଶାସନା
ସଜେ ବସ୍ତାର କଢ଼ା।

ଗୃଳର ଘରେ ଜନ୍ମ ମୋର
ଦଣ୍ଡେ ମାଟି ତାଡ଼,
ଗୃଳର ଘରେ ଅଦ୍ୟ ପ୍ରେମ
ଦେଇଛୁ ମୋର ବାଢ଼ି,
ଗୃଳର ମୋର କୁଠୀର ଗୋଟି
ଛୁଞ୍ଚି କରେ ଭୁବନ କୋଟି
ଗୃଳର ଘରେ ପଢ଼ିଛି ଲୋଟି
କେତେ ନୟନ ବାରି।

ଗୃଳର ଘର ଲୋଡ଼ଇଁ ମୋର,
ନ ଇଚ୍ଛେ ସିଂହାସନେ
ଉଷା ପ୍ରଦୋଷେ ଗୀତକି ଯହିଁ
ଗାଉଛି ମନେ ମନେ
ଯାହାର ତଳେ ଅରୁଣ ରାଗ
ନୟନେ ମୋର ଲେଖଇ ଦାଗ
ଗଣ୍ଡେ ମୋର କରେ ସରାଗ
ପବନ ଦାତାୟନେ।

Digitized by srujanika@gmail.com

ହଳଆ ହଳ ସ୍ୱର ସୋହାଗ
ଯାହାର ତଳେ ବସି
ଶୁଣଇ କେତେ ବିରହ ଗୀତ
ଉଦାସେ ମୃଦୁ ହସି
ପାହାନ୍ତ ବାଅ ପରଶେ ମୁଖ,
ପରଶେ ମୋର ଅଧର ବୁକ,
ମରମ ତଳେ ଦଅଇ ଦୁଃଖ
ଗୋପାଳ ପୁଅ ବଂଶୀ ।

ନଗର କୋଳେ ନାଟ୍ୟଶାଳା
ନ ଲୋଡ଼େ ଢଳେ ମୁହଁ
ଡାକିଛି ଆହା ପକ୍ଷି-ସ୍ୱର-
ମୁଖର ମୋର ଭୂଇଁ,
ଡାକୁଛି ମୋର ବିରହ ସାଥୀ
ସ୍ୱପ୍ନପଥେ କରି ଅକାଣ୍ଡ
ଡାକୁଛି ମୋର ମିଳନ ରାତ
ପରାଣ ମନ ଛୁଇଁ ।

ଅସିଛି ମୋର ଅଷାଢ଼ ମେଘ
ଆକାଶ କୋଣ ଭର,
ବ୍ରଜ ଡାକେ ଚପଳା ଡାକେ
ହୃଦୟ ମଥିତ କରି,
ଦଣେ ବଦଣେ ମଣିଛି ଝାଲ,
ଝଡ଼େ ବଉଦ ଉଡ଼ଇ ଚାଲ,
ଚଉଦିଗରେ ଶୀତ ସଳିଳ
ଭୂମିରେ ପଡ଼େ ଝର ।

Digitized by srujanika@gmail.com

ଗୁଳର ଢରେ ଷ୍ଟାର ଷ୍ଟା
. ଅଣିବ ମୁଁ ଯେ ଡ଼ାକ,
ଭୂତଳ ମୋର ଅଙ୍କେ ବସି
ଝରଣା ପାଣି ଶୁଣି
ଷ୍ଟାର ଷ୍ଟା ହୋଇବେ ତୋଷ
ଏ ଗୀତ ଗାଇ କରିବ ମୋଷ
ବର୍ଣ୍ଣବର୍ଣ୍ଣି ମାନବ ଘୋଷ
ଏ ଗୀତ କରୁ ସାକ୍ଷୀ ।

——ଃ୦ଃ——



Digitized by srujanika@gmail.com

ବର୍ଷାନାୟିକା

ବରଷା ଜଳେ ବସନ ତବ ଭିଜଇ
ବସନାଞ୍ଚଳ କି ଦେବି ମୁଁ ଗୋ ଶଜଇ ।

ଅଙ୍ଗେ ତବ କର୍ପୂର ବାସ,
ଅଧରେ ତବ ମଧୁର ହାସ,
କଣ୍ଠେ ତବ କେୟୂର ଝୁଲେ ଚଞ୍ଚଳେ
ବିଜୁଳି ହସେ ସ୍ୱର୍ଣ୍ଣ-ଦର ଅଞ୍ଚଳେ ।

ନୟନ ତାର ଭ୍ରମର ସମ
ଉଦ୍ୟାନନେ ହେ ପ୍ରିୟତମ,
ଖେଳଇ ଗୃରୁ ଭ୍ରୂଯୁଗ ତଳେ ସଞ୍ଚରି
କୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ ।

କି ଅଭିସାରେ ଅନ୍ଧ ଅଛ
ଅଙ୍ଗେ ଉଠେ ଗନ୍ଧ ସ୍ୱଚ୍ଛ
ଅଧରେ ତବ ପଲ୍ଲବ ରାଗ ରଞ୍ଜଇ
ଦଶନ ମୂଳେ କୁନ୍ଦହାସ ଗଞ୍ଜଇ ।

Digitized by srujanika@gmail.com

ବରଷା ଜଳେ ଚରଣ ଧୋଇ
ନଳିନୀଦଳ ଭୂମିରେ ଥୋ ଯେ ।
ପଡ଼ିଛ ଛନ୍ଦ, ପରଶ ତାର ସୁନ୍ଦର,
ଧରଣୀ ତଳେ ହସିଲ କେଉଁ ଚନ୍ଦର !

ଜଳର ଏ ଯେ କଳ ବେଦନା
ଭୂଠାଏ ତବ ସବୁ ସାଧନା
ଝିଲ୍ଲୀ ଭେକ ଚନ୍ଦ୍ରପାଣରେ କାନ୍ଦଇ
ସଘଣ ମନ ନଗଡ଼ ପାଣେ ବାଜଇ !

ଶୀତଳ ବାଉ ଝରଇ ଝୁଲେ
ଧନ ତରୁକ ଚୁମ୍ବଇ ଗାଲେ,
ଶୀକର ବାଆ ବକ୍ଷୁ ଜାଡ଼େ ଅଞ୍ଚଳ
ଅର୍ଦ୍ର ତବ ବାହୁଯୁଗଳ କୁନ୍ତଳ ।

କହ ଗୋ କହ ଏ ଦୁରଦନେ
ପାଗଳ ହୋଇ କାହର ସନେ
ଏ ଅନ୍ଧାରେ ନ ମାନି ବନ ପ୍ରାନ୍ତର
ଚଳ ଗୋ ଆଜ ଲଭି ଏ ମଧୁ ମନ୍ତ୍ର ।

ଚଳ ଗୋ ତୁମେ କାହାର ଲାଗି
ଅଛ ନଶୀଥେ ଏଏ ଅଭାଗୀ
ରହିଛି ଜାଗି ତାଳ ତପତ ଶ୍ୱାସ ଗୋ
ପରାଣେ ବହୁ ଜୀବ୍ରତମ ପ୍ରାସ ଗୋ ।

Digitized by srujanika@gmail.com

ନୟନେ ତାର ନାହିଁ ପଲକ
ସକଳ ଦେହେ ଭରେ ପୁଲକ
ବରଷା ବାରି ପୂରଇ ଯଥା ବକ୍ଷ ଗୋ
ସ୍ୱରଗ ଭୂତ କରଇ ଦାନ ନଃସ୍ୱ ଗୋ ।

ଜଗତେ ଯେତକ ଯେତେକ ଧନ
ସକଳ ସୁଖ-ସୋହାଗ-ଧନ
ନୟନବାରି କେବଳ ତାର ସମ୍ବଳ
ସେ ଧନେ ଆଜ ଉଠଇ ଭରି ଅମ୍ବର ।

ସେହି ଲୋତକ ହୃଦୟ ଭରି
ନୟନୁ ମୋର ପଡ଼ଇ ଝରି,
ସେହି ଲୋତକେ ପ୍ଲାବଇ ମୋର ଅନ୍ତର
ସେହି ଲୋତକେ ଆସ ଗୋ ତୁମେ ସୁନ୍ଦର

ଆସ ଗୋ ମୋର ଚପଳ ତାର
ସନ୍ଧ୍ୟାରାଣୀ ଗଳାର ହାର,
ଗୃହକ ପ୍ରାଣେ ବରଷ, ଧାର ସୁନ୍ଦର
ଆସ ଗୋ ପ୍ରିୟେ ପରାଣ ପଥେ ଗୁଞ୍ଜର ।

ପରାଣପ୍ରିୟା, ହୃଦୟରାଣୀ
ଆସ ଗୋ ମୋର ଚଳ ଗୃହାଣୀ,
ଦୁଃଖ ସୁଖର ଛନ୍ଦବାଣୀ ସଙ୍ଗୀତ
ଗନ୍ଧ ମୋର, ଚରଣ ମୋର ଇଙ୍ଗିତ ।

Digitized by srujanika@gmail.com

ଆସ ଗୋ ମୋର ଶ୍ରବଣପୁର
ଆସ ଗୋ ମୋର ନୟନ ପୁର,
ଆସ ଗୋ ଆସ ରସ ମଧୁର ଯୌବନ
ଧନଶୋଷି ଅଗୋ, ବୃନ୍ଦା ଆଗୋ ଶୋଭନ ।

ବିକଳ ପ୍ରାଣେ ବେଦନା ତ୍ରାସ
ସରମ ମୃଦୁ ଚପଳ ହାସ
ଆସ ଗୋ ଆସ ସ୍ୱଚ୍ଛ ତନ୍ମୟ ରଙ୍ଗିଣୀ
ଆସ ଗୋ ହୃଦ ଅଭ୍ର ଧାର ସଙ୍ଗିନୀ ।

ଆସ ପତିତ ଜୀବନ ସୁଧା
ଏ ମରୁ ପଥେ ରସ-ସମ୍ପଦା
ସକଳ ତୃଷା ସକଳ କ୍ଷୁଧା ଚଞ୍ଚଳା,
ଆସ ଗୋ ମୃଦୁ-ହାସିନୀ ଶ୍ୟାମ ଅଞ୍ଚଳା ।

ଆସ ଗୋ ମୋର ଦିବସ କ୍ରୀଡ଼ା
ଆସ ଗୋ ମୋର ସାନ୍ଧ୍ୟ ବ୍ରୀଡ଼ା
ଶ୍ରାବଣ ଘନ ନିଶୀଥ ପୀଡ଼ା-ବ୍ୟଞ୍ଜନା
ଆସ ଗୋ ଉଷା-ପ୍ରତୀଚୀ-ଭାଲ-ରଞ୍ଜନା ।

ସୁନ୍ଦର ମୃଦୁଖ ମୁଠାଇ ରବ
ଅନ୍ଧ ଚକ୍ଷେ ଛବି ବିଭବ
ପାଷାଣ ପଥେ ବୁହାଇ ନବ ନିର୍ଝର
ଜଡ଼ର ଦେହେ ଜୀବନ ତୁମେ ସଞ୍ଚର ।

Digitized by srujanika@gmail.com

ନୟନ କୋଣେ ଉଠ ଗୋ ଜାଗି
ଅଧର ମୂଳେ ଦେ ଅନୁରାଗି,
ଜବଡ଼ କରି ଦିଅ ଗୋ ଦାଗି ଚୁମ୍ବନ
ହୃଦରେ ହୃଦ ପରଶ ରସ ଚନ୍ଦନ ।

ନ ପାରେଁ ବୁଝି କିଏ ସେ ମୁହିଁ
କିଏ ବା ତୁମେ ଛଇଳ ମୁହ୍ନୀ
ନ ପାରେଁ ବୁଝି ଏକ କି ଦୁଇ ସଙ୍ଗିନୀ
ଆସ ଗୋ ଆସ, ହୃଅ ପରାଣ-ବନ୍ଦିନୀ ।

---o---

Digitized by srujanika@gmail.com

ବ୍ୟର୍ଥ ଗୀତ

ଏ ଜୀବନ ଖାଲି ବ୍ୟର୍ଥ ବିଫଳ ଗାନ
ପୁଲକି ପୁଲକି ନାଚି ଉଠ ଅରେ ପ୍ରାଣ ।
ହଜି ଯାଏ ଯାହା, ଯାଏ ରେ ମିଳାଇ,
ବିଦାରି ମରମ ରୁଧିର ଗଳାଇ,
ନ ଫେରେ ସେ ଅଉ, ସକଳ ଭୁବନ
କରିଯାଏ ଶମଶାନ,
ପୁଲକି ପୁଲକି ନାଚି ଉଠ ଅରେ ପ୍ରାଣ ।

Digitized by srujanika@gmail.com

ଜୀବନ ମରଣ ମିଥ୍ୟା ସକଳ ଭବେ
ହରଷ ବେଦନ-ମୂଲ୍ୟ ନାହିଁ ତା ଲଭେ,
ନାହିଁ ପାପ ନାହିଁ ପୁଣ୍ୟ ଜଗତେ,
ସତ୍ୟ ମିଥ୍ୟା ନ ହୁଏ ପରତେ,
ହାସ୍ୟ ଅଶ୍ରୁ ବିରହ ମିଳନ ନାହିଁ ମାନ ଅପମାନ,
ପୁଲକ ପୁଲକ ନାଚ ଉଠ ଅରେ ପ୍ରାଣ !

ସକଳ ମିଥ୍ୟା ସକଳ ଅନ୍ଧକାର
ସତ୍ୟ କାହିଁରେ କାହିଁ ଛି ଅନେକ ଦ୍ୱାର,
ଧର୍ମ ପୁଣ୍ୟ ଭୁଲୁଛି ମାନବ,
ବିଶ୍ୱ ଶାସଇ ପାପର ଦାନବ,
କାହିଁଛି ଧର୍ମ ? କାହିଁଛି ସତ୍ୟ ? କାହିଁ ? କାହିଁ ? ଭଗବାନ ?
ପୁଲକ ପୁଲକ ନାଚ ଉଠ ଅରେ ପ୍ରାଣ !

ବିଶ୍ୱ ତମସେ ଅନ୍ତର ମମ ଜାଗେ
ବ୍ୟର୍ଥ ବିକଳ କେତେ ଶତ ଶତ ଯୁଗେ
ଅଶ୍ରୁ ହେଲଣି ତୁଷାର କଠିନ
ଅନ୍ତର ତଳେ ଜାଗରେ ନବୀନ
ପ୍ରାଚୀନ ଏ ଧରା କବର ପରଶେ ଜଳେ ଯଥା ଶମଶାନ,
ପୁଲକ ପୁଲକ ନାଚ ଉଠ ଅରେ ପ୍ରାଣ।

ସୁଖ ବୋଲି ଯାହା ଧରଇ ନୟନ ପଥେ
ତୀବ୍ର ବେଦନା ଜଳାଏ ମରମ ଗତେ
ହାସ୍ୟ ତଳରେ ଲୋତକ ଲୁଚନ୍ତି
ନିମେଷେ ହୁଅଇ ଜୀର୍ଣ୍ଣ ଏ ମଧୁ
ନିମେଷକ ପରେ ଯୌବନ ଅବସାନ,
ପୁଲକ ପୁଲକ ନାଚ ଉଠ ଅରେ ପ୍ରାଣ !

Digitized by srujanika@gmail.com

ନାଚ ଉଠ ଅରେ ନାଚ ଉଠ ତୋଳ କର,
ବ୍ୟର୍ଥ ଜୀବନ ଯୌବନ ଏଥି ତୋର,
ମଉଳ ପଡ଼ିଇ ସକଳ ବାସନା,
ଯାଏ ଥରେର ଯାହା ଅଉ ସେ ଅସେ ନା,
ବ୍ୟର୍ଥ ବିଫଳ ଜୀବନ ତୋହର ଗାଇ ଉଠ ଏହି ଗାନ
ପୁଲକି ପୁଲକି ନାଚ ଉଠ ଆରେ ପ୍ରାଣ !

'ବ୍ୟର୍ଥ ଅଙ୍କରେ ବିଫଳ ଜୀବନ ଜୟ'
'ନାହିଁ, ନାହିଁ' ଗାଅ 'ମରଣର ଅଉ ଭୟ'
ସବୁ କ୍ଷତ ଦାଗ ସକଳ ରୁଧିର ।
ଭୁଲି କର ଶୋକ ମାଗରେ ଅଧିର—
ଶତ ଲାଞ୍ଛନା, ଶତ କଶାଘାତ
ବିଶ୍ୱର ଯେତେ ଦାନ
ପୁଲକି ପୁଲକି ନାଚ ଉଠ ଆରେ ପ୍ରାଣ !

ଜୀବନର ଯାଗ ବହ୍ନେ ଦଅରେ ଜାଳି
ସକଳ ଦୈନ୍ୟ ଅଶ୍ରୁ ଅଦ୍ଭୁତ ଢାଳି,
ଜୀର୍ଣ୍ଣ ମଳିନ ହୋଇଛି ଯେ ରୂପ
ଜାଳିଦିଅ ତାରେ କରି ପୂଜା ଧୂପ,
ଉଠରେ ରୁଦ୍ର ଜୀବନର ଜାଗେ
ରଚିବାକୁ ଶମଶାନ
ପୁଲକି ପୁଲକି ନାଚ ଉଠ ଆରେ ପ୍ରାଣ !

Digitized by srujanika@gmail.com

ସିନ୍ଧୁ

ଅଛ ସିନ୍ଧୁ ଏକ ରୂପ ? କି ଗମ୍ଭୀର କିବା ବଇଭବ
ଧ୍ୱଂସର ମୂରତି ? କିବା ପାତାଳ ଗର୍ଭର ଭୀମରବ
ଧରାର ପରଶୀ ମୁଁ ଯେ ନ ପାରଇ ଜାଣି
                    କି ଉଦ୍ଦେଶ୍ୟ ବନ୍ଧୁ ତୁ ଉଜାଣି
କି ପ୍ରେମର ବନ୍ୟା ବହୁ ଉଛୁଳେ
                    ଅନନ୍ତ ବକ୍ଷ ତୋର
  ନଦୀ ଅଙ୍ଗେ ବହୁଯାଏ ଜୁଆରର ସ୍ୱର ।
ଦୁର୍ବଳ ବକ୍ଷ ମୋର ନ ପାରେ ଉଜାଣି
                    ନୁହେ ପରମାଣି
  ଅତଳ ତୋ ଅନ୍ତରର ଭୀମ ଅନୁଭୂତି
ଦେଖି ତୋ ବିରାଟ କାୟା ମିଶିଛି ସେ
                    ସେ କେଉଁ ଅନନ୍ତ ଅନ୍ଧକାରେ
              ହଜାଏ ଅନ୍ଧାରେ
  ନଗଣ୍ୟ ଧରାର ତୋ' ସିକତା
                    ତଟରେ ଦେହ ମନ
ତୋ ଭାଷା ଲାଗିଲେ ପ୍ରାଣେ ମନେ ଭାବେଁ
                    ଲୁଚି ଯିବ ଅବା ଏ ଜୀବନ

Digitized by srujanika@gmail.com

ଯେ କଥା କହୁଛୁ ମୋରେ କହିବାକୁ
                    ଗଲେ ତାହା କଣ୍ଠେ ମୋର ନ ଆସଇ ଭାଷା
                              ଅପ୍ରକାଶ୍ୟ ସେ ନିବିଡ଼ ବ୍ୟଥା
କହାଏ ମରମ ମମ ଛଳ ଛଳ ଢଳେ ମୋର ଆଖି
                              କର ତୋରେ ସାକ୍ଷୀ
ପ୍ରସାରି ମୁଁ ଦୁଇକର ଶିଶୁସମ କରଇ ଚିତ୍କାର
                              ମୂକ ଚିତ୍କାର
ହୁଏ ତହିଁ ଅବସାନ
              ତୋର ନିର୍ଘୋଷ ତଳେ
                              କି କରୁଣ କେତେ କ୍ଷୀଣ
       ଯାଏ ତାହା ପଲକେ ମିଳାଇ
       ବକ୍ଷର ଉତ୍ତପ୍ତ ସବୁ କାଠିନ୍ୟ ଗଳାଇ
ବାହୁଅଛୁ ଶୀତଳ ତୁ ଶାନ୍ତ ସଞ୍ଜିବନୀ
    ଏ ଅବନୀ
ତୋର ଅଙ୍ଗେ ନିରେଖଇ ଅନନ୍ତର ତାନ
                                   ହୋଇଅଛୁ ମୂର୍ତ୍ତି ବପୁଷ୍ମାନ
ଦିନୁ ଦିନୁ ଏ ଧରାରେ ଜମି ଉଠେ ଯେତେ ମଳିନତା
                              କେବା କଳିବ ତା
                         ଯୁଗ ଯୁଗ ଧରି
ଦକ୍ଷିଣା-କର ପ୍ରସାରି ଦେଉ ତୁ ପ୍ରକ୍ଷାଳି ସବୁ
                                   ଏ ଧରଣୀ ଦେହୁ
ନିଖିଳର ଅଶ୍ଳୀଳତା ତୋର ଅଙ୍ଗେ ହୁଏ ପ୍ରକ୍ଷାଳିତ
                         ତଥାପି ତ
ତୁ ଚିର ନୂତନ ଚିର ଢଳ ଢଳ ସ୍ୱଚ୍ଛ
                              ଗଗନର ମୁକୁର ପ୍ରତ୍ୟକ୍ଷ

Digitized by srujanika@gmail.com

ଅନନ୍ତ ଗରଭ ତୋର କେ ପାରିବ କଳି ତାର ସୀମା
ପ୍ରେମର ପ୍ରତିମା
ରବିଚନ୍ଦ୍ର ଗ୍ରହ ତାରା ନିତ୍ୟ ତୋ ବୁକୁରେ
ଅନାବିଳ ତୋ ନୀଳ ମୁକୁରେ
ଦେଖନ୍ତି ସ୍ୱରୂପ ଶୋଭା
ବିଶ୍ୱମନ ଲୋଭା
ଅନ୍ଧ ପ୍ରେମିକର
ରୂପଗୁଣ ଲାବଣ୍ୟ ନିକର
ପ୍ରେୟସୀର ପ୍ରଶଂସା-ମୁକୁର ବିମ୍ବରେ
ପ୍ରେମଭରେ
ହୁଏ ଯଥା ଉଦ୍ଭାସିତ
ବିରାଟ ଇଙ୍ଗିତ
ରସର ଉତ୍ସ ତୋ ତନୁ ହେଉ ସିକ୍ତ
ଧରାର ପରଶି ଅଙ୍ଗ ଅଙ୍ଗ
ସେ ତରଳ ରସେ ତାରେ କରି ରସାଣିତ
ଏଣୁ ନୀଳିମାରେ ତାରି ଚିତ୍ର
ମିଳାଇ ଦିଅ ହେ ତାର ବାଞ୍ଛିତର ସକଳ
ସୂଚନା
ଅବଳତା ସବୁ ପ୍ରବଞ୍ଚନା
ହୁଙ୍କ ତଳ ତଳ କରି ଗଢ଼ି ଦିଅ ନୂତନ ଜୀବନ
କରିଦିଅ ତୋର ସବୁ ଗମ୍ଭୀର ବିରାଟ ଉଦ୍ଭାବନ ।
ମନେ ଅଛି ଶୈଶବେ ପ୍ରଥମେ ତୋ ରୂପ ଦରଶନେ
ତୋ ନୀବିଡ ଚେତନାର ସୁଧା ପରଶନେ
ଉତ୍ଫୁଲ୍ଲ ବାଳକ ହୃଦୟା ନାଚୁଥିଲା
ଏହି ସୈକତେ
ସିନ୍ଧୁର ଚଳନ୍ତେ

Digitized by srujanika@gmail.com

ଛୁଟିଥିଲୁ କି ବନ୍ଧୁ୍ୟତ୍ କି ଉଦ୍ଦାମ ବେଗ
    ତୋ ସିକତା ଶେଯ
କରି ପୁଣି ପଲ୍ଲବନେ ସଂଶୟ ଦୋଳାରେ
                                        ଜୀବନ ଭେଳାରେ
                    ସହୁଅଛୁ ମଧ୍ୟାହ୍ନର କେତେ ଖରତାପ
                    ମଣି ଅପଣାରେ ଏକ ମହା ଅଭିଶାପ
    କେତେ ଜାଣି ହେ ସାଗର
ତୀରରେ ଗଣିଛୁ ବସି ରହୁ ଉଜାଗର
ତୋ ସିକତା ତୀରେ କେତେ ଗୋଧୂଳି ଗଗନେ
                                        ଆର ପାରୁ ତୋର
ବହୁ ଆସିଅଛୁ କେତେ ସାନ୍ତ୍ୱନାର ସ୍ୱର
                    ସେ କ୍ଷଣର ଧାରୀ ଅଶ୍ରୁ ଭରେ
ତୋ ଲାଗି ରହୁଛୁ ସ୍ଥାନ ମୋର ଅନ୍ତରର ଅନ୍ତଃପୁରେ
                              ମୋ ପ୍ରାଣ ପ୍ରିୟାରେ
                              ନିରେଖିଲି ତୋର ଆର ପାରେ
ଧୌତ ଶକ୍ତୁର ତାର ନୀଳ କର ଦେଇଛୁ
                                        ତୋ ଜଳ
ମୁକ୍ତ କବରୀ ତାର ତୋ ଡେଉଁରେ
                                   ଖେଳେ ଅବିରଳ
ତୋର ନୀରେ ଆରପାରୁ ବହୁଆସେ
                                   ତାର ମୂରଛନା
ଶରତେ ଶୀତେ ବସନ୍ତେ ଋତୁ ରଙ୍ଗେ ସାଜେ
                                        ତୋରେ ତାର ଦୂରଚନା
ସୁଦୂର ପ୍ରେୟସୀ ମୋର ସେହୁ ପ୍ରାଣ ପ୍ରିୟା
ଭୁଲିଯାଇ ଦିଏ ମୋର ଉଦାସ ଏ ହିୟା
                                             ତାହାରି ଆଦେଶେ

Digitized by srujanika@gmail.com

ଧରାପ୍ରାନ୍ତେ ତୋ ତରଙ୍ଗ ଚୁମ୍ବିଯାଏ
ସ୍ୱଦେଶେ ବିଦେଶେ
ଅନ୍ଧ ସମ ଚୁମ୍ବି ସେ ଯେ ଫେରଇ ନିସ୍ୱନେ
ପ୍ରିୟରେ ନ ପାଇ ତାର ଦୂର ପରବାସେ
ମୁହିଁ କି ସେ ପ୍ରିୟ ତାର
ମୁଁ କି ହୃଦୟରେ ପୂର୍ଣ୍ଣ ଶତ ଶୂନ୍ୟତାର ।?
ବସି ଏଥି ତଟେ ଅନ୍ୱେଷଣା
କି ଅଦ୍ଭୁତ ଅଇପାରେ ମୋର ସୂଚେନା
ନୁହେଁ ମୁଁ କ୍ଷୁଦ୍ର ହେ ସିନ୍ଧୁ
ନୁହଇ ଦୁର୍ବଳ ନୁହେଁ ହୀନ
ଅନ୍ତରେ ଜାଗଇ ମୋର ଶକତି ପ୍ରାଚୀନ
ଅଛି ମୋର ବିଶ୍ୱରୂପ ବିରାଟ ଅସୀମ
ତଡ଼ାଗ ସମାନ ଯହିଁ ତୋର ରୂପ ସୀମ
ରବିଚନ୍ଦ୍ର ଗ୍ରହ ତାର ଅଜାଣ ପତନ
କଣିଦନ
ରେଣୁ ସମ ଯହିଁ ଭ୍ରମେ ଜନ



Digitized by srujanika@gmail.com

ପ୍ରାଚୀନା

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉତ୍ତାଳେ ଲୁଚୁଅ ନାହିଁ
ମନର ଦାଗ ।

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼ଇ ରସର ସ୍ୱାଦୁ
ସେ କିବା ପାପ ।

ଚରଣ ନ ଇଚ୍ଛେ ଚଳିବା ଆଗେ ;
ମୁକତ ପଥେ
କରମ କଠିନ ହେବାକୁ ହାତ
ନ ଚାହେଁ ସତେ ?

Digitized by srujanika@gmail.com

ଆଖିର ଧରମ ନ୍ୱେନାକୁ ଠର
ଛଳନାମୟ
ସହଜ ଗଢରେ ଟହ୍ନିବା ତ୍ରାର
ଲାଗଭ ଭୟ ।

ଜଗତେ ଜାଗିଛି ଜୀବନ ଖେଳ
ଦେଖ ଲୋ ନାରୀ
କେତେ ଢାଳ ସ୍ୱାନ ନେପାରେ ଥିବୁ
ନୟନ ଠାରି ।

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ଢଅଗି ଦେଖାଅ ତୋର
କି ଅଛି ବାକି ।

ଓଢ଼ନା ତଳରୁ ଗୁହିଁବା ସେଠ
ଅଧିକ ପାପ
ଧରି ପଡ଼େ ତାହାଁ ଗୋପନ ସତ୍ରୁ
ମନର ମାପ ।

ଗୃହିଁବାକୁ ତାହା ଜନ୍ତୁକୁ ଦିବା
ମଣିଷ ପର
ଶିଖିଛୁ କେବଳ ଆପଣା ଛାଏଁ
କୁଟିଳ କର ।

Digitized by srujanika@gmail.com

ତୁବଟିଏ ଲୋଡ଼ା

ସମର ନୂତନ ସୁଷମା ତୋର
ରୂପର ଭୂଷା
ମନ୍ଦ ଆବରଣେ ଲୁଚଇ ସିନା
ଦେହର ତୃଷା ।

ଅଧର ସୁଷମା ନ ବଢ଼େ ତର
ରହିଲେ ମୂକ
ବାସନା ବଜାରେ ବିକିଲେ ଝାଳ
ଜଳର ଦୁଖ

ଅକାନ୍ତ ବନ୍ଧନ, ମାଟିର ଦଶୁ
କହଇ କଥା
କହେ ପରକାଶ ଅପଣା ସୁଖ
ପରାଣ ବ୍ୟଥା ।

ମୁଖେ ନାହିଁ କଥା ନାହିଁକି ତୋର
ମଥାରେ କଚ୍ଛ
ଚକ୍ଷୁର ଶୋଭରେ ସେ ଝାଳ ଚିର
ରହିବ ତୁ ଛୁ ।

ପୀରତି ନାମରେ କପାଳି ଭସ୍ମ
କହ ଗୋ ଅଜ
ଯେ ତୁହେ ତୁହିକ ଆକାଶବାଣୀ
ସେ ତୁହେ ଲଜ ।

Digitized by srujanika@gmail.com

ଯୁବକ ଯୁବତୀ ଧରମ ସେତ . :
ବପୁର ଢାକୀ
ଗୋପନୀୟ ତେବେ କି ଅଛି ତହିଁ
କହନ୍ତ ସ୍ଵବ ।

ଜର ପରଖାଣ ଗାଦନେ ତୋର
ସନ୍ଧ୍ୟା ଆଶା
ଶଇଶବ କାନ୍ତିଁ ଫିଙ୍ଗିଚୁ ଯେଉଁ
ସନ୍ଧ୍ୟା ସ୍ୱପ୍ନା ।

ବାରିପଦା ୬ । ୯ । ୩୪

Digitized by srujanika@gmail.com

କସ୍ତୁର୍‌ବା

କିଏ ଏକାକିନୀ ପଥ ପରେ ହେଲ ଉଭା
ରହିଲ ନିବିଡ଼ ନୀରବ ନୟନେ ଚାହିଁ ।
ଚଳିଲ ଜନତା ତଳଇ ଅଧୀର ଯାତ୍ରା
ଉଲ୍ଲାସଭରେ କାହା ଜୟ ଗାନ ଗାଇ ?
ଫୁଲକି ତୁମର ପରଶେ ନ ଜାଗେ ଆଜି
ବଦନ ମଳିନ, ବକ୍ଷ ପଡ଼ୁଛି ଭାଜି
ମୁହେଁ କଥା ନାହିଁ କାହିଁ କସ୍ତୁରୀ ବାଈ
ରହିଲ ନିବିଡ଼ ନୀରବ ନୟନେ ଚାହିଁ ।
ଜୟ ଜୟ ଗାଇ ଡାକ ଉଠେ ଦେଶ ମାତି
ତୁମ ମୁଖୁ କିଏ ଶୁଣିବ କରୁଣ କଥା
ହାୟ ନିର୍ବୋଧ ହାୟରେ ଅବଳା ଜାତି
ଏତେ ଦୁଃଖେ ତୋର ଉପୁଜଇ କାହିଁ ବ୍ୟଥା
ତୁମ କଥା ଦେଶ ଭୁଲିଛି ଅଛି ଆଗ ରାଣୀ
ଭୁଲିଛି ପୁଣି ସେ ଧରିଥିଲ ଯାର ପାଣି
ବୁଝି ନାହିଁ କେଉଁ ବେଦନାର ଅତଳତା
ବଦନ୍ତୁ ତୁମର ଶୁଣିବ କରୁଣ କଥା ।
ଖୋଜୁଅଛି କିନ୍ତୁ କେଉଁ ଅତୀତର ଛବି
କେଉଁ ପ୍ରେମୀର ପ୍ରଥମ ମିଳନ ରାତି

Digitized by srujanika@gmail.com

କାହାର ବରଣେ ନୟନ ପଡ଼ିଛି ଦ୍ରବ
ପ୍ରତି ନିମିଷରେ ଲୋଡ଼ୁଥିଲ କେଉଁ ସାଥି ?
ନିପୀଡ଼ିତ ଲାଗି କରିଦ ଜୀବନ ଦାନ
ଦେବତା ସମାନ ଉଠେ ତାର ଜୟ ଗାନ
ଏଥିରେ ତୁମର ଭଲପଣ ନାହିଁ ଗତି
ଲେଖୁଅଛ ମନେ କେଉଁ ରମଣୀକୁ ପତି ?
ତୁମ ପତି ସମ ଲଭିବାକୁ ଆନ ନାରୀ
ଲୋଡ଼ିବ ନାହିଁ କି ଜଗତ ଭିତରେ କେହୁ
ନୟନକୁ ତର ବୁହାଇବା ପାଇଁ ବାରି
ଜୀବନର ସବୁ ସୁଖ ତଳେ ତାଳ ଦେଇ,
ଅବା ଆପଣାର ଭାଗ୍ୟ ନ ଥିଲା ଜାଣି
କିଶୋର ବୟସେ ଧରିଥିଲ ଯେବେ ପାଣି
ଅଙ୍ଗ ତୁମର ଥରିଥିଲା ଆଗୋ ନାରୀ
ଅଜଣା ପରଶ ମନ ଦେଇଥିଲା ଘାରି ।
ବୌଦ୍ଧ କହଇ ବୁଦ୍ଧଙ୍କ ଅବତାର
କହେ ଖ୍ରୀଷ୍ଟାନ ଯୀଶୁ ସମ ମହା ଦାନ
ବନ୍ଦୀଜନର ଖୋଲି ଦେଇ କାରାଗାର
ପତିତର ଯେହୁ ବଢ଼ାଇଛି ଅଭିମାନ
'ପତିତ ଶ୍ରେଷ୍ଠ' ସେହୁ ମାନବର ଲାଗି
ଅନ୍ତରେ ତବ ଗର୍ବ ନ ଉଠେ ଜାଗି
ଜଡ଼ ଦେହେ ଯେହୁ ଖେଳାଇ ଦେଇଛି ପ୍ରାଣ
ତା ପାଇଁ ତୁମର କହେ ନାହିଁ ଅଭିମାନ ?
ପାର୍ଶୀ କହଇ ବଣ୍ଟ ମୁକୁଟମଣି
କହେ ଇଂରେଜ ରାଜଗଣ ବଶାବଦ
ଶିଶୁ ଧାଇଁ ଆସେ ଆପଣାର ସାଥୀ ମଣି
ଖେଳି ନାନା ମତେ କୌତୁକ ହାସ ମଦ

Digitized by srujanika@gmail.com

ତୁମେ କର୍ଣ୍ଣ । ଆଜ ଜଗତ ନୟନେ ପଟେ
କି ଯୁଗ ଭାବନା ଭରୁଛ ମରମଗତେ
ବାନ୍ଧୁଅଛ ପତ୍ର ଗୋଟି ଗୋଟି ଧନ ଗଣି
ପାଣି କହଇ ମାନବ ମୁକୁଟମଣି ।
ଦେଖୁଛ ନାରେଣି ମୁକୁରେ ଅପଣା ମୁଖ
ସିନ୍ଦୁର ଶୋଭା ମଳିନ ହେଲା କି ଭଲେ
କର କଙ୍କଣ ଗୁହଁ ମନେ ଜାଗେ ଦୁଃଖ
ଉଠିଥିଲା ଫୁଟି କେତେ ଛବି କେଉଁ କାଳେ
ଏତିକି ଭାବନା ସମ୍ଭାଳି କଲ ତୁମେ
ମରଣ ଅଭାବ କଡ଼ିଛ ଭାରତ ଭୂମେ
ଅପଣା ଭବନେ ରହିଲ ମଉନ ମୂକ
ସୀତା ରୋଗା ଦନେ ଲଭିଥିଲେ ଯେଉଁ ଦୁଃଖ ।
ଦେଶର ପୂଜ୍ୟ କୁଳଗୁରୁ ମାଳବୀୟ
ଦେଲେଣି ତାହାକୁ କୋମଳ ଆଶୀଷ ବାଣୀ
'ହୁଅ ଚିରଜୀବୀ ହେ ମୋହନ ମହନୀୟ
କୋଟି ହୃଦୟର ଅଶ୍ରୁ ନେଇଛ ଟାଣି'
ଜଗତଯାକରେ ନଶିଥ ରହିଛି ଯହିଁ
ଦେବତା ଭିତରେ ମାନବ ପରାଣ ବହି
ଡାକୁଛି ଅନ୍ତରେ କୋଟି ପରାଣର ପ୍ରିୟ
ହୁଅ ଚିରଜୀବୀ ହେ ମୋହନ ମହନୀୟ ।
ଅଘାତ ଯାହାର ପାଷାଣୁ ବୁହାଏ ପାଣି
ପରଶ ଯାହାର ପଶୁ ମୁଖେ ଆଣେ ହାସ
ଦେଶ ବଦେଶରୁ ଭାସି ଆସେ କେତେ ବାଣୀ
ପୁରୁଷ ଶ୍ରେଷ୍ଠ ଜୟ ହେ ମୋହନ ଦାସ ।
ଜନନ୍ତ ସ୍ମିତର ଦେଶ ଗାଏ ତାର କଥା
ତୁମେ କର୍ଣ୍ଣ । କହ ଯୋଢ଼ ଦେଲ ଭକ୍ତ ମଥା

Digitized by srujanika@gmail.com

ଛୋଟିଏ କଣ୍ଠେ କଣ୍ଠ ମିଳାଇ ରାଣୀ
ଭରସା ନ ହୁଏ ଗାଇବାକୁ ଜୟବାଣୀ ?
ନୟନୁ ବୁହାଇ ଶିଶୁର ଆକୁଳ ନୀର
କହିଛୁ କଠାଳ ତୁମ ପ୍ରିୟ ଦେବୀ ଦାସ
ଦେଶ ବିଦେଶର ସକଳ ମିନତି ଗୀର
ନ ମାନି ଚଳେ ସେ କରିପାଏ ଉପବାସ ।

ତୁମେ ଏଣୁକାଳେ ରହିଲ ନୁଆଁଇ ମଥା
ନ କଲ ମିନତି ନ କହିଲ ପଦେ କଥା
ଏ ମହା ଅଦ୍ଭୁତ ପାଶେ ନାଚେ କେତେ ବୀର
ତୁମ ପାଇଁ ବାକି ରହିଲା ନୀରବ ନୀର ।

ପାଲଙ୍କର ମୁକ୍ତ-ଦଶ୍ନାନ୍ତ- ଅନଶନଟାରେ ଦେଶମାନ୍ୟ ଯେବେ ବ୍ୟସ୍ତଲା ଡାକି ଉଠି-ଥିଲେ ସେହି ସମୟର ଲଟା ।

Digitized by srujanika@gmail.com

ପଉଷ ସନ୍ଧ୍ୟା

ପଉଷ ଶେଷ ସନ୍ଧ୍ୟା ବେଳ
ବନ୍ଧନ ।
ପକ୍ଷୀ ଧାନେ ପରଶି ମଧୁ
ଚୁମ୍ବନ ହେ ଚୁମ୍ବନ

ପଉଷ ପଥ ଉତ୍ସବ ହେ
ଉତ୍ସାହ ତବ
ଉଡ଼ାଇ ଦେଇ ଅଖିଳ ପ୍ରାଣେ
ଲଗାଅ ଅନୁଭବ
ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ ଶେଷ ସନ୍ଧ୍ୟା ବେଳ
ବନ୍ଧନ ।

Digitized by srujanika@gmail.com

ଶୁଣୁ ତବ ଚରଣ ଲଗ୍ନ
ଭୃଙ୍ଗ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ
ସକାଳି ଧରି ଅଙ୍ଗେ ମନ୍ଦାର
କମ୍ପନ ହେ କମ୍ପନ
ପଡ଼ୁଛି ଶେଷ ସନ୍ଧ୍ୟା ବେଳ
ବନ୍ଦନ !

ବାଲୁକା ତଟରେ ଚକ୍ରବାକ
ଚରଇ ମନ୍ଦାନନ୍ଦେ
ଗୋଧୂଳି ପଥ ଅରୁଣ ଅନ୍ଧେ
ଚରଣ ତବ ବନ୍ଦେ
ମୋଚନ କର ବିରହ-ଶାପ
କ୍ରନ୍ଦନ ହେ କ୍ରନ୍ଦନ
ପଡ଼ୁଛି ଶେଷ ସନ୍ଧ୍ୟା ବେଳ
ବନ୍ଦନ !

ଶୀତଳ କଣା ବିରହ ଦୁଃଖଦ
ପାରବ ନାହିଁ ସହି ତ
ତକଳ ତାର ଦସ୍ୟୁକି ଶୁଣି
କାଖିଲ ଜନ ଦସ୍ପୃହ !
ବର୍ଷଦାୟୀ ପବଣ ମନ
ରଞ୍ଜନ ହେ ରଞ୍ଜନ
ପଡ଼ୁଛି ଶେଷ ସନ୍ଧ୍ୟା ବେଳ
ବନ୍ଦନ !

Digitized by srujanika@gmail.com

ବାଦଲ ଢୋଲ ବଜଇ ଦେଲା
ସରସୀ ଜଳେ ହଂସ
ପଡ଼ପ ତାର ଲକ୍ଷା ଲଟଗ
ଭ୍ରମର ରାଗ ଅଂଶ
ମୁଗ୍ଧ ଲୀଳ କୁସୁମେ କରେ
ଗୁଞ୍ଜନ ହେ ଗୁଞ୍ଜନ
ପଉଷ ଶେଷ ସନ୍ଧ୍ୟା ବେଳ
ବନ୍ଦନ !

ଦେବ୍ର ଡାଳ ନ ପାରେଁ ସହି
ପରଶି ମମ ଅନ୍ତର
କରୁଣ ତବ କରୁଣା ତହିଁ
ଅରୁଣ ବାଟରେ ସଞ୍ଚର
ମଦନ ମରୁ ହେଜ୍ଞ ସୁନ୍ଦର
ନନ୍ଦନ ହେ ନନ୍ଦନ
ପଉଷ ଶେଷ ସନ୍ଧ୍ୟା ବେଳ
ବନ୍ଦନ !

ପଉଷ ଗୀତ ଆସୁ ହେ ଭାସି
ମୁରୁଳୀ ଧ୍ୱନି ଛନ୍ଦେ
ଅଧାର ଧରା ଉଠୁ ହେ ପୂର
ଅଗୁରୁ ଗୁରୁ ଗନ୍ଧେ
ମଳୟାନିଳ ଅନ୍ତାସେ ବାସୁ
ଚନ୍ଦନ ହେ ଚନ୍ଦନ
ପଉଷ ଶେଷ ସନ୍ଧ୍ୟା ବେଳ
ବନ୍ଦନ ।

Digitized by srujanika@gmail.com

ବଉଦ ଚଳେ ଆକାଶପଥେ
ଦୋଳିତ ଚଞ୍ଚଳ ପାଦରେ
ଗାଂଗଶ୍ରୀ କାଖେ ନାଗଶ୍ରୀ ଚଳେ
ପ୍ରେମ ଅନୁରାଗରେ
ପଛାରେ ତାର ସ୍ୱପ୍ନ ତବ
ଅଞ୍ଜନ ନେ ଅଞ୍ଜନ
ପଉଷ ଶେଷ ସନ୍ଧ୍ୟା ବେଳ
ଦହନ ।

ଚକ୍ଷୁରେ ତାର ସ୍ନେହତ ବୀଡ଼ା
ମୁକ୍ତି ଭରେ ସ୍ୱପନ
ନେହ କଟ୍ଟୋଧ ଏବୋଶ୍ରୀ କବି
ଉଦାସ କରି ଲପନ
ବଥାର ଉଠେ ଗୁଞ୍ଜ ତାର
କନ୍ଦନ ନେ କନ୍ଦନ
ପୌଷ ଶେଷ ସନ୍ଧ୍ୟା ବେଳ
ବନ୍ଦନ ।



୨୩।୧୨।୩୭

Digitized by srujanika@gmail.com

ବ୍ୟଥାର ସାଧନ

ମୋ ଭଳି ଜଗତେ କେତେ
ରହିଛନ୍ତି ଦୁଃଖୀ ଗୋ,
ରହିଛନ୍ତି କେତେ ଦୀନହୀନ ।
କେତେ ଆଖି ଛଳଛଳ
ଝାଳର ତପତ ଜଳ,
କେତେ ମୁଖ ବିଷାଦ ମଳିନ ।

ନିଜ ପାଇଁ ଝୁରି ବସି
ପରଦୋଷ ଉଷାରେ,
ନିଜ ଭାବନାରେ ବଡେ କାଳ,
ଶୂନ୍ୟ କୁଟୀରେ ବସି
ଲୋତକ ଜଳ ବରଷି
କରୁଛନ୍ତି କେତେ ହାହାକାର ।

କେତେ ଶଶୀ ଗ୍ରାସେ ରାହୁ
କେତେ ଉଷା ମଉଳ
ଶ୍ରାବଣର ଅନ୍ଧାର କୋଳେ,
ନ ଫୁଟୁଣୁ କେତେ ଫୁଲ
ନ ବହୁ ପବନ ଭୁଲ
ଝଡ଼ ପଡ଼େ ଅହା ଧୂଳି ତଳେ ।

Digitized by srujanika@gmail.com

ନ ଲାଗୁଣୁ କୁଟିଳ ତଣ୍ଟି
ନୀଳ ଜଳରାଶିରେ
କ୍ଷଣକଟରେ ଯାଏ ସେ ମିଳାଇ,
କେତେ ପଥ ବ୍ରଜ ଯାଏ
ଅନ୍ଧା କ୍ଷଣପ୍ରଭା ପ୍ରାୟେ
କେଉଁ ଗିରି ବନ ଦେଶେ କାହିଁ ।

ନିଜ ଭାବନାରେ ମୋର
ହଜଇ ଚେତନା ଗୋ,
ଗଣୁଅଛି ନିଜ ସୁଖ ଦୁଃଖଟି,
ବସି ନିଜ ଗଢ଼ା ନୀଡ଼େ
ଭାବୁଛି ପ୍ରୀତି ନିବିଡ଼େ
ମୋର କେଉଁ ପ୍ରିୟତମ ମୁଖଟି ।

କେତେ ପ୍ରିୟତମ ମୁଖ
ଆଜି ଏ ଭୁବନେ ଗୋ
ଶୁଖିଯାଏ ଝରା ଫୁଲ ସମାନ,
ନାହିଁ ବାସ ନାହିଁ ଅଭ
ବେଦନା ବହିଛି ଦୈନ୍ୟ
କରୁଅଛି ମ୍ରିୟମାଣ ପରାଣ ।

ଦିଅନ୍ତି ସଜଳ ଆଖି
ଦିଏ ମୋତେ ପୀଡ଼ା ଗୋ,
ଶତ ଅଗ୍ନି ଫାଟିଯାଏ ବୁକୁରେ,
ଦିଅନ୍ତି ମଧୁର କଥା
ମୋ ମନରେ ଆଣେ ବ୍ୟଥା,
କେତେ ହୃଦ ଭାଙ୍ଗି ପଡ଼େ ଅଧୀରେ ।

Digitized by srujanika@gmail.com

ଯାହା ପାଇଁ କବି କେବେ
ଗାଇ ନାହିଁ ଗୀତ ଗୋ
ଯାହା କଥା ନ ପଶଇ ଶ୍ରବଣେ,
କେତେ ଘନଧ୍ୱାନ ନର
ସନ୍ତାନ ହୃଦନର
ରହିଛନ୍ତି ଧରି ଖାଲି ଜୀବନେ ।

ଚାଷ୍ଟ୍ର ଯେ ଲକ୍ଷିତ ବଧ୍ୟେ
ଭେଜନ୍ତି ଯେ ଚାତର ବେଦନା,
ବ୍ୟଥିତ ମରମେ ମୋର
ଶୁଣ ସେ ବେଦନା ଘୋର,
ବହିବ ମୁଁ ବ୍ୟାପାର ସାଧନା ।

Digitized by srujanika@gmail.com

ପୀରତି ବ୍ୟାଖ୍ୟା

ମଦନ ବେଳା ପରେ   ଖେଳନ୍ତି କେତେ ଗୀତ
ଲଗିଛି ନବ ନବ ଆଘାତ
ଯାଇବ ନାହିଁ କହୁ   ସକଳ ଅଙ୍ଗ ଫେଣ
ଗୋପନ କଥା କାନରେ ସଙ୍ଗୀତ
ନଦୀର ସେଥେ ଲଖି ନୟନ
ସ୍ୱପନ କଳ ସେଟେ ରଚନ
ଶରତ ଆକାଶର ଇନ୍ଦ୍ରଧନୁ ଠାଣି
ବନ୍ଦଣ କେତେ ଭର ମୋହନ ।

ଯୌବନ ଉପାଳ ସେ   ଗୁମର ମୋହ ବଶେ
ହୋଇଛି ଉଦେ ଯେଉଁ ପିରତି
ସ୍ୱବର ଲଷା କାଳେ   ଲଭୁଛି ସେ ଅଦେଖ
ରଦେ କଦତାର ଭୀରେତି ।
ଦେହର ତୃଷା ଯେବେ ଓଡ଼ିଲ
ଗୁପର ମୋହ ମୁଗ୍ଧି ବଢ଼ିଲ
ପୁଷ୍ପ ନାଶି ହୋଇ ଜନମ ଲଭି ସହ
ଯବନ ଗୋଟା ଝାଳି ପୋଡ଼ିଲ ।

Digitized by srujanika@gmail.com

ଦେହର ଅଭିଳାଷ ଗୀତରେ ପରକାଶି
କହିଲି ତାକୁ ପ୍ରେମ ପୀରତି,
ଭୂଷାର ଅବରଣ ଫିଟାଇ ଦେଲେ ସେ ଯେ
ହୋଇବ ଖାଲି ପାପ ଅନୀତି ।
କବିତ୍ୱ ଢମ ସେହୁ ସରମ
ଜାଣିଲି ତାହେବନ ମରମ
ନିଲଜ ଢମ ଯାହା ଲୁଚାଇ ନ ପାରିଲା
ହେଲା ସେ କବିତାର ଧରମ ।

ନୂପୁର ତେଣୁ ପଦେ ବଜାଉ ଥିଲା ମୋଦେ
ପରଶି ବନ୍ଧରର ବେହାଗ
ଅଳକ ଦାମେ ଯାଉ ଅଳକା କଲି ଘର
ପୁଟୁଣୀ ହୋଇଛି ସେ ସୋହାଗ ।
ନୟନ ତଟେ ଦେଖି କଜଳ
ପରଶ ନାହିଁ ହୁଏ ସଜଳ
କପୋଳେ ସ୍ୱେଦ ଶୋଭି ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ଶିକଳ ।

ଅକାଶ ଧରଣୀର ରୂପର ସଉଦାରେ
ହୋଇଲି ସୁଷମାର ଗବ୍ୱକ
କିଣିଲି ଯେଉଁ ରୂପ ବଜାରେ ଆଜି ତାହା
ହେବ କି କବିତାର ଖୋରାକ ।
ଅଳତା ପରେ ରଙ୍ଗ ନାଗର
ଚରଣ ଚୁମେ ଗୁରୁ ଘାଗର
ପୁଷ୍ପ ବେଣୀ ପରେ ହକିଲ ବାଣୀ ମରେ
କୁହିଲ କଣ୍ଠୀ କାର ମୁଜର ।

Digitized by srujanika@gmail.com

ଅଧରେ ଫୁଟେ ଯେବେ ବନ୍ଧୁଲି
ନୟନୁଁ ଛୁଟେ ଚଳ ବିଜୁଳି
ଦିବସ ସ୍ୱପନର କରଇ ସରଜନା
ଅଙ୍ଗେ ଗଉରିକ ଗୋଧୂଳି

Digitized by srujanika@gmail.com

ପୁରୁଷସୂକ୍ତ

ହେ ମହାପୁରୁଷ ଚରଣ ତୁମର ବନ୍ଦେ
ଅକାଶେ ଭୂଧରେ ନିତି ନୂଆ ଛବି
ଦେଖି ଏ ନୟନ ଯାଏ ମମ ଦ୍ରବି
କୋଟିଏ ଚନ୍ଦ୍ର କୋଟି ତାରା ରବି
ବହଇ ମଳୟ ମନ୍ଦେ
ହେ ମହାପୁରୁଷ ଚରଣ ତୁମର ବନ୍ଦେ ।

କାନନ ଗାଇଲେ ବିହଗର ଗୀତ
ପ୍ରଦୋଷ ଉଷାରେ ହରଷାଇ ଚିତ
ଶ୍ରବଣ କୁହର କରଇ ପୂରିତ
ନିତି ନବ ନବ ଛନ୍ଦେ
ହେ ମହାପୁରୁଷ ଚରଣ ତୁମର ବନ୍ଦେ ।

Digitized by srujanika@gmail.com

ଦିବସ ରଜନୀ ତୁମର ନିଦେଶେ
ଆସେ ଯାଏ ନିତି ନୂଆ ନୂଆ ବେଶେ
କୁସୁମ ସୁଷମା ହସାଏ କେତେ ସେ
ପବଣ ବକୁଳ ଗନ୍ଧେ
ହେ ମହାପୁରୁଷ ଚରଣ ତୁମର ବନ୍ଦେ ।

ବିଶ୍ୱ-ପାଳକ କରୁଣା-ନିଦାନ
ସବୁ କରମର ହେ ଚିର ବିଧାନ
ସକଳ ପ୍ରଶ୍ନ କର ସମାଧାନ
କେତେ ଭବ ଭାଷା ବନ୍ଧେ
ହେ ମହାପୁରୁଷ ଚରଣ ତୁମର ବନ୍ଦେ ।

ମରଣର ଜୟୀ ଅମୃତ ରୂପ
ଘେନ ଏ ଶିଶୁର ଅନ୍ତର ଧୂପ
ସକଳ ଭୁବନ ହୋଇଛି ଲୋଲୁପ
ଯେଉଁ ପଦେ ମହାନନ୍ଦେ
ହେ ମହାପୁରୁଷ ଚରଣ ତୁମର ବନ୍ଦେ ।

ଅଦେଶ ନ ଲଭି ଉଡ଼େ ନାହିଁ ଧୂଳି
ପନି ନ ହଲେ କ୍ଷଣ ପାଇଁ ଭୁଲି
ପାଷାଣ ଦାରୁରେ ରହିଅଛ ପୂରି
ସକଳ ରନ୍ଧ୍ରେ ରନ୍ଧ୍ରେ
ହେ ମହାପୁରୁଷ ଚରଣ ତୁମର ବନ୍ଦେ ।

Digitized by srujanika@gmail.com

ତୁମେ ହେ ଜୀବନ ତୁମେ ମହାକାଳ
ପ୍ରଳୟର ତୁମେ ଧୂମକେତୁ ଜାଳ
ତାହି ପାଖୁ ଧରା ସିନ୍ଧୁ ବିଶାଳ
ଡାକଇ ଦନ୍ତ ମନ୍ଦ୍ରେ
ହେ ମହାପୁରୁଷ ଚରଣ ତୁମର ବନ୍ଦେ ।

୨୩ । ୩ । ୩୨



ହତାଶର ଗାନ

ଅଛି — ଅରୁଣ ଉଷା ଜାଗେ
ପ୍ରଥମ ଦିବା ଭାଗେ
ବଷ୍ଟି — କରୁଣ ମୋର ତରୁଣ
ଲୋଳ ନୟନେ ତନ୍ଦ୍ରା ଲାଗେ ।

ଅଜ୍ଞ — ଜୋଛନା ଝରେ ଅକାଶେ
ତାରକା ମୁଖ ପ୍ରକାଶେ
ମୁଁ ଗୋ — ନିଜନେ ମୁଖ ଲୁଚାଏଁ କେଉଁ
ତମସେ ଲାଜ ପରବେ ।

Digitized by srujanika@gmail.com

ଆଜି ବକୁଳ ଗନ୍ଧେ ଅନ୍ଧ
ବାଆ ଛୁଟଇ କେଉଁ ଗଇଲେ
ମୁଁ ଗୋ ପଥର ଧାରେ ବସିଛି
ପାଦେ ଚଳିବ ବଳ ନାହିଁ ଯେ ।

ଆଜି ତଟିନୀ ଗାଏ କି ଗୀତ
ବୁକୁ ପୂରୁଛି ପ୍ରୀତି ପୁଲକେ
ମୋର ବୀଣାର ସ୍ୱର କରୁଣ
ଲୁହ ଭରୁଛି ଆଖି ପଲକେ ।

ଆଜି ବିହଗ କଳ କୂଜନେ
ବନେ ଚେତନା ଉଠେ ଚମକି,
ମୁଁ ଗୋ ମଉନେ ଦିବା ରଜନୀ
ସଦା ଯାପଇ ଭୟେ ଦମକି ।

ଆଜି ଦକ୍ଷିଣ ବାଆ ମୁଖରେ
ଫୁଲ ହସଇ ମଧୁ ପବନେ
ମୋର ମଳିନ ମୁଖ ଅଧର
କୀଟ କାଟଇ ହୃଦ ସଦନେ ।

କି ଗୋ ଚେତନା ଖେଳେ ଆକାଶେ
କିବା ବାସନା ଧରା ତଳେ ଗୋ
ଆଜି ଲହରୀ କହେ କି କଥା
ସେ ଯେ ବଚନ ଭାବ ବଳେ ଗୋ ।

Digitized by srujanika@gmail.com

ଏଥୁ ଆକାଶ ଧରା ସାଗର
କନ୍ଦା ଜୀବନେ ଉଠେ ମାଢ଼ ଗୋ,
ଆହା ମରଣ ମୋର ସଉଦା
ଚିର ହତାଶା ମୋର ସାଥୀ ଗୋ

୨୩ । ୧୧ । ୨୫

ପ୍ରେମର ଅର୍ଥ

ଯୁଗ ଯୁଗ ଧରି କବି ଗଦା ଗଦା
ଲେଖିଲେ କବିତା ପୀରତି ଘେନି
କାବ୍ୟର ରୂପ କଳ୍ପି ବିସ୍ତର
କେବଳ ରମଣୀ ପୁରୁଷ ବେନି
ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହିଁ
ମଧୁରେ ଭରିଲ କେତେ ଆଖି ଓଠ
କେତେ ଅନ୍ତରୁ ଝରିଲ ଲୁହ
ପୀରତି ଗୌରବ ବଖାଣି ବସିଲେ
ପଥର ତରଳି ବହିବ ଜଳ
ସବୁ ପୀରତିର ମୂଳରେ ଯା ଅଛି
ନ କହିବା ତାହା ସବୁଠୁଁ ଭଲ
ସେ କାଳ ଏ କାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ ।

Digitized by srujanika@gmail.com

ଅଯଲ ସତକି ଘୋଡ଼ାଇବା ପାଇଁ
ଭ୍ରଷାର ଗୃହୁସ ଛଳନା କଥା
ବାଙ୍କ ଅଛି ସେ କି ବୁଝିବାକୁ ତାକୁ
ବେକ ପରେ ଯାର ରହୁଛି ମଥା
କଣ୍ଠୀ ନୂପୁର ବସ୍ତ୍ର ଜତନ
ହେଉଥିଲେ କେବେ ଅଙ୍ଗର ଭେଟ
ଆଜି ବା ହୋଇଛି ଜର୍ଜେଟ୍ ଶାଢ଼ୀ
ବର୍ମା ସ୍ଲିପର ଅପଟୁ-ଡେଟ
କେବେ ବା ଆଷାଢ଼ ପହିଲ ଦିବସେ
ତରୁଣ ତରୁଣୀ ପୀରତି ଗାଥା
ଦୂରେ ଦୂରେ ରହି ଫିଟୁଥିଲା କେତେ
ନବ ଜୀବନର ନୂତନ ଖାତା
ନୂଆ ହୋଇ ଅଜ ରହୁନି କିଛି ତ
ପାଣି ପବନରେ ଗୁଲୁଛି ପାନ
ମେଘଦୂତ ଅଉ ଲୋଡ଼ା ନାହିଁ ତେଣୁ ,
ସହଜେ ମିଳୁଛି ପୀରତି ଦାନ
ସିନେମା ଯିବାକୁ ଟ୍ୟାକ୍ସିରେ ବସି
ତରୁଣ ବନ୍ଧୁ ଡାକଇ "ଆସ୍
"ବ୍ରେଟ୍ଠା ଘଡରେ ଦଏଁ ମୁଁ ସଙ୍ଗାଡ଼
ନ ହେଉ ଏଥର ଆଇ. ଏ. ପାଶ୍ ।"
କଣ୍ଠୀ ନୂପୁର ଶାଢ଼ୀ ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି-ମାଟି ନଅଁ ପାଣି
ଛାଡ଼ ଏ ଧବର ରହେ ଯା ଶେଷ ।

୨୯ । ୫ । ୩

ବିରହୀ

ଅସଂଖ୍ୟ-ବିରହୀ-ଆର୍ତ୍ତନାଦ-
ମୁଖରିତ ଅଛି ଏ ବତାସେ
ଶତ ଶତ ହାହାକାର ଧ୍ୱନି
ଯାଏ ଏଥି ମିଳାଇ ହତାଶେ ।
ଊର୍ଦ୍ଧ ଦିବସ ନାହିଁ ପରେ,
ଚମକି ସହସା ଜଣୀଥରେ
ଉଷିତ ସୁଦୂର ପରବାସେ ।

ଛଳେ ଛଳେ ଦିଶ ଯାଏ ଭରି
ଦୁର୍ଗମ ଦୁର୍ଦ୍ଦିନ ପଥ
ଚଉଦିଗେ କଳ କଳ ନାଦ
ମରମ ଯେ ବେଦନା-ଅହତ ।
ବିଲେ ବିଲେ ଧାନକ୍ଷେତ ମେଲେ
କଉତୁକେ ଜଳରାଣୀ ଖେଳେ,
ଜାଗ୍ରତ ଶତ ମନୋରଥ ।

Digitized by srujanika@gmail.com

ପବନ ବନ୍ଧନ ଖରତର
ଚୁମ୍ବନ ଶୀତ ତାର ଅଛି,
ଗର୍ଜ୍ଜନ ନିଶା ଭସ୍ମକର
ଜଳୁଛି ଅବାସ୍ତୁ ଷୀଣ ବତୀ ।
ନୟନର ପତା ନାହିଁ ପଡ଼େ,
ଅଶ୍ଳେଷ ଢାଳ୍ବାର ଝଗଡ଼େ
ବାନ୍ଧିଛି ଦେହ ପ୍ରାଣ ମଠ ।

ସଜଳ ହୋଇଛି 'ଦଶ ଦଶ
ସଜଳ ଯେ ନୟନ ପରଶ,
ଏକାକୀ ଏ ନିବିଡ଼ ତମସେ
ଅନ୍ତରେ ପୂରେ ଅଭିମାନ,
ଅର୍ଦ୍ଧେକ ଶେଯ ରହେ ଖାଲି
ଅର୍ଦ୍ଧେକ ଲୋତକ ପଖାଳ ।

Digitized by srujanika@gmail.com

ଅଭିମାନ

ଚଇତ ପ୍ରଭାତ ବାଅ
ହରଷେ ପରଶେ ଅଙ୍ଗ,
ଶୀତଳ ଆନନ୍ଦ ବହିଯାଏ ଢଳେ ବନେ ।
ସେ ପରଶ ଲଭି ଧରା
କି ପୁଲକେ ଅସ୍ଥିର
କେଉଁ କଥା କହିଯାଏ ମୋର ମନେ ମନେ ।

କି କଥା କହିବ ବୋଲି
ଆସିଥିଲି ପଥ ପରେ
ଭୁଲି ପୁଣି କେଉଁ କଥା ପକାଇଲି କହି ।
ସେ କଥା ନବୁଝେ ଯେବେ
ଅଣଇ ତପତ ଛଳ,
ମୋର କଥା ମୋ ମରମେ ଥାଉ ତେବେ ରହି ।

Digitized by srujanika@gmail.com

ଗୃହାଣୀଟି ପାଇଁ ଯେବେ
ହୋଇଲି ଅଯୋଗ୍ୟ ମୂହୁଁ,
କଥା ପଦେ ଶୁଣିବାକୁ ନ ହେଲେ ସ୍ୱଜନ,
ଦୁର୍ବଳ ଚିତ୍ତର ସବୁ
ଖଚିତ କଳ୍ପନା ତେବେ
ପ୍ରାଣର ଗଭୀର ସ୍ତରେ ଲଭ୍‌ଲ ନିମଜ୍ଜନ ।

ଛୁଟିଥିଲି ବନ୍ଧୁ ଅଶା
ଫେରି ଦେବ ପଦତଳେ
ଛିନ୍ନ ଅନ୍ତରର ମୋର ଅନନ୍ତ ଦୀନତା,
ସୁଖେ ଦୁଃଖେ କେବେ କାହିଁ
ରାଜିଥିଲି ପ୍ରାଣେ ଯେବେ
ଅନନ୍ଦର ସଙ୍ଗୀତ କି ଶତ ଦୁଃଖ ବ୍ୟଥା ।

ନ ହେଲେ ନ ହେଲି ପଛେ
ମୋ କଥା ଆଜି ଯୋଠାରେ
ଅକାରଣ ଦିନ ମୋର ଯାଉ ଭଳି ଭଳି,
ଲୁଚୁଇ ମରମ ତଳେ
ଭିଜାଇ ଲୋତକ ଜଳେ
ସଞ୍ଚିଥିବ କରି ତାହା ଦୀନର ସଙ୍ଖାଳି ।

୨୦ । ୩ । ୨୫
ସକାଳ ୮

ଭ୍ରମର ପ୍ରେମ

ଏ ଦେହ ମୋର ସାଜଇଁ ବସି
ଭ୍ରମର ପ୍ରେମ ଲାଗି ଯେ
ଜଳକୁ ମୁଁ ଯେ କରଇଁ ପ୍ରେମ
ଭ୍ରମର ଅନୁରାଗୀ ହେ।
ମୁକୁରେ ମୋର ବଦନ ଶୋଭା ଦେଖଇଁ
ମୁଗ୍ଧ ଆଖି ନିଜ ନୟନେ ରଖଇଁ
କଳୁଷହୀନ ସ୍ମିତ ଅଧର
ମୁକୁରେ ନେଇ ଚୁପଇ ମୋର
ଗଣ୍ଡ ମୋର ମୁକୁରେ ନେଇ ଚୋଖଇ

Digitized by srujanika@gmail.com

ତୁମର ଦେହ ପରଶ ପ୍ରିୟ
ଲଭିବି ବୋଲି ଅଙ୍ଗେ
ଛଡ଼ାଏ ଦେଇଛି ଅପଣା ବାହୁ
ନିଶୀଥ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖିଲି ଅଙ୍କ ନିଛରେ
ସୁଷମା ମୋର ନ ପାରେ ସହୁ ସଙ୍ଗରେ ।
ତୁମର ହାସ ହସଇ ମୁହିଁ
ଭରଇ ପ୍ରେମ ଅକାଶ ଭୂଇଁ
ଢଳଇ ପ୍ରିୟ ମଧୁରେ ଅଙ୍ଗ ତୁମର ଗନ୍ଧ ବ୍ୟାଜରେ ।

ତୁମର ପ୍ରେମ ଲଭିବା ଆଶେ
ନିଜକୁ କରେ ପ୍ରେମ ଗୋ
ଅଙ୍ଗ ତବ ଲଗିବ ବୋଲି
ଏ ଦେହେ ମଣେ ହେମ ଗୋ।
ତୁମରି ଲାଗି ଜଳଇ ମୋର ଅରତି
ପରଶ ଦେନ୍ତ ତୁମେ ମୋ' ଯଶ ଭାରତି
ଶତ ଯାତନା ମରଣ ସମ
ଲଭିଲେ ସହେ ହେ ପ୍ରିୟତମ
ଅମୃତ ସେ ମଣନ୍ତି ମୋଟରେ
ଲଭିଲେ କ୍ଷଣେ ପୀରତି ।

ଏ ଶୋଭା ମୋର ମଉଳେ ନାହିଁ
ଏ ସୁଖେ ନାହିଁ କ୍ଳେଶ ଗୋ
ଯୁଗେ ଯୁଗେ ଏ ହୃଦେ ପୂରୁଣା
ସାଜେ ମୁଁ ପେଜଁ ବେଶ ଗୋ

Digitized by srujanika@gmail.com

ତୁମର ପ୍ରେମେ ଭୁବନ ଭଲ ଲାଗଇ
ବେଦନା ମମ ସକଳ ପଥେ ଜାଗଇ
ଦେବତାଣେ ଆଜି ନୁହେ ମୁଁ ବଡ଼
ମରଣ ଆଜି ନ ମଣେ ବଡ଼
ତୁମର ଲାଗି ଶତ ଜୀବନ ଆଜି ଗୋ ଏଥି ମାଗଇ ।

ଚନ୍ଦ୍ରୋପଳା

ତରୁଣ ତରଣୀ-ଚନ୍ଦ୍ର ଗୃହରୁ ଚନ୍ଦ୍ରୋପଳା,
ଶୁଭ୍ର ବାଲୁକଣେ ଯେ ଯାର ରଚିତ ମେଖଳା,
ତୋ ପରି ମୁଁ ଦେଖେ ଦେଖେ
ଭ୍ରମୁଛି ଅନ୍ଧ ଉଦ୍ଦେଶେ
ଅଛଇ ତୋ ପରି ମୋ ପରାଣ-ପିଚ୍ଛଳା ।

ତୋ ପରି ତରଙ୍ଗ ମୋର ବହୁଇ ଉଜାଣି,
ଚୁଅର ଝରଇ ଆସି ଜୁଆରର ବାଣୀ,
ତୁ ଜାଣେ ମୋହର ପାଇଁ
ଚିର ଦିନ ଅଛୁ ଧାଇଁ ?
ମୋର ଜୀବନର ନଦୀ ଭୁଞ୍ଜି ଜାଣେ ଶୁଣି ।

Digitized by srujanika@gmail.com

କହୁ ଖହୁ କେଉଁ ବାଆ ଜଗାଏ ଲୋ ତଟେ,
ସେ ନଷ୍ଟେ ମୋହର ବାଆ ଦୁଅଇ ପଇତେ,
ତୋର ନୀଳ ଦରପଣେ
ସହସ୍ର ତାର ଗହଣେ
କେଉଁ ଭାବ ମୁଖ ଦେଖେ କହୁ କହୁ ସତେ !

ସେ ନଷ୍ଟେ ମୋହର ତାର ମୋ ପ୍ରାଣ ଅଲୋକ,
ମୋ ଗଗନେ ଉଇଁ ଉଠେ ନାଶି ଦୁଖ ଶୋକ,
ସେ ନଷ୍ଟେ ମୋହର ଜାଢ଼,
ମୋର ଅକାଶର ସାଥୀ
ମୋହ ପାଇଁ ବୁଲଏ ସେ ଚକ୍ଷୁ ଡନ ଲୋକ ।

ତୋ ଘରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତ,
କି ଥାଲୋକେ ଲାଜେ ତୋର ଛନ ଛନ ଗାଠ ?
ମୋହର ସେହୁ ବିହଙ୍ଗ
ଚର ସଙ୍ଗୀତର ସାଙ୍ଗ,
ମୋହର ଅଲୋକ ସେ ତ ମନଭୁଲା ଜାଢ଼ ।

କେଉଁ କୋଛନା ମଉଇ ତୋର ନୀଳ ଜଳେ
ମୋହର କୋଛନା ସେ ଗୋ ଖେଳେ କଉଣଳେ
କାନ୍ଦଇ ତୋହର ଭୁଲ
ଭୂଷାରେ ସେ କେଉଁ ଫୁଲ,
ମୋହର ପରାଣ ପ୍ରିୟ ଏମାନ ସକଳେ ।

Digitized by srujanika@gmail.com

ମୋ ପ୍ରିୟ ଅଚିହ୍ନା ଝଡ଼ ସିନ୍ଧୁ ଯଇକତେ,
ଭ୍ରମୁଛି କାନନ ନଦୀ ସରଣି ଉପତଟେ,
ଅସିଅଛି ଝଡ଼ ଘର
ନଳର କରୁଛି ପର
କେଉ ନୂଆ ଘର ମୋର ଏ ସଂସାର ପଥେ ।

ପ୍ରିୟ ଯାହା ତହିଁରୁନ୍ତି ନ ହୁଏ ବିଚ୍ଛେଦ,
କପାଇଁ ବିଷାଦ ମୋର କାହିଁ ପାଇଁ ଖେଦ
ଏହୁ ଚନ୍ଦ୍ରୋପୂଲା ପର
ଯାଅନ୍ତି ହେଲେ ପାସୋର
ସାଗର ମିଳନ ସଙ୍ଗେ ଜନମ ପ୍ରଭେଦ ।

ମୋର ପ୍ରିୟ ସବୁ ଦେଶେ ଅଛି ସବୁ କାଳେ,
ଅଛି ସମ୍ମୁଖେ, ଅଛି ଦୂର ଚକବାଳେ,
ଥିଲେ ହେଁ ମୁଁ ଅଜ ରୂପେ
ଚର ଧନ ଅଚଳୁପେ
ତହିଁ ତୋ ଅଧର ହାସ କି ଅନେକ ତାଳେ ।

ଛୋଟ ଛୋଟ ଦଉଡ଼ି ମୋ ଛଳ ଛଳ ଅଖି
ଏ ଗଗନେ ଏ ପବନେ ଯାଉଛି ସେ ଲେଖି
ଛୋଟ ଛୋଟ ଦୁଇ କଥା
ଏ ଭୁବନେ ଦଏ ବ୍ୟଥା,
ଛୋଟ ଛୋଟ ବନ୍ଦେ ସେ ହାସ ରଖେ ଜାକି ।

Digitized by srujanika@gmail.com

ଢଳ ଢଳ ଚନ୍ଦ୍ରାଫୁଲା ହସ ହସ ମୁଖ
ଭରଲ ତୋର ଅନ୍ତର ନଗ୍ନ ମୟୂଖ,
ନୀଳ ହେଲା ତୋର ଜଳ
ଧୋଇ କାହାର କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଖ-ସୁଖ ।

ଲବଣ କୁଆର୍ ଯେବେ ଯେଷ୍ଠି ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନଲକ୍ଷ୍ମୀ କୁଁଳେ
ନିବେଦନ କରୁ କାହା ଚରଣ ତଳର ?

ବକ୍ଷଭରା ଯଉବନ ଘେନି ମୁଁ ଚେତନ
ଲୋଡ଼ୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣ ଧାରେ
ଅସହ୍ୟ ଏ ପ୍ରୀତିଭରେ
ସାରବେ ତୋ କୂଳେ ମୁଁ ଯେ କରେଁ ନିବେଦନ ।

Digitized by srujanika@gmail.com

ପୌଷ-ମଳୟ

ପଉଷର ପଞ୍ଚମୀ ଚାନ୍ଦ
ଆକାଶର କୋଣେ ଦେଇ, ହସି
ମଧୁମାସ ଆଗମନୀ-ଭାଷା
ଭରି ହୃଦେ ଯଉବନ-ଆଶା
ପୌଷର ପଞ୍ଚମୀ ଶଶୀ
ଢାଳିଦେଲା ଦୂରେ ହସି ହସି ।

ଧୀରେ ଧରି ଲଭିଲି ଚେତନା
ବହେ ଯାହିଁ ଅମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାର ଜଡ଼ ଶୀତ
ଅବା ଆଣେ ପରାଣେ ପ୍ରଳୟ
ପଉଷର ଅମନ୍ଦ ମଳୟ !

Digitized by srujanika@gmail.com

ପୁରାତନ ପୋଖରୀ ହୁଡ଼ାରେ
ବଢ଼ିଲାଣି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚୂଁଦ
ବୁଣିଦେଲା ଅଜ୍ଞ କେଉଁ ଫାଁଦ
ଗୁଣ୍ଡି ଦେଇ ଚମକିଲି ମୁଁହ
ବଢ଼ିଲାଣି ସୁବାସିତ ଚୂତ ।

ହୁଡ଼ା କରେ ଗାଁ ଅର ମଶାଣି
ଧୁଳୁ ଧୁଳୁ ଜଳେ କା'ର ଜୁଇ
କାନ୍ଧରେ ଧାନ ଦଳା ଥୋଇ
ଝୁଲି ଝୁଲି ଆସେ ବୋଧୂ ଝୋଇ
ପାଖେ ଯାଇ ପଚାରିଲି ମୁହିଁ
"ମଶାଣିରେ ଜଳିଲା କା'ର ଜୁଇ?"

ଝିଅ ବାହୁ ପଢ଼ିଥିଲା ଥକି
ନାମ ତାର ନ ପଡ଼ିଲା ମନେ
ଶୁଣିଲା କି ନ ଶୁଣିଲା ହୋଇ
ଚାଲିଗଲା ଧୀରେ ବୋଧୂ ଝୋଇ
ମଶୁଆଏ ପଡ଼ିଶାରୁ ଜଣେ
ନାମ ତାର ନ ପଡ଼ଇ ମନେ ।

ଯାଏ ଯେତେ ବସନ୍ତ ତଳେ
ଫେରି ଅସେ ପୁଣି ହୋଇ ନୂଆ
ତୋଠା ତଳ ବୁଢ଼ିଆରୁ ଏଇ
କି ଶବଦ କାନେ ଅସେ ତେଇଁ
କିଏ ଡାକେ କୁଆଁ କୁଆଁ କୁଆଁ
ପୁରାତନ ଫେରେ ହୋଇ ନୂଆ ।

Digitized by srujanika@gmail.com

ଫଟାଇ ସେ ଧରଣୀର ବୁକୁ
ଡାକ ଉଠେ ପୁଣି ହୁଅ ହୁଅ
ପଞ୍ଚମୀ ଯୋଛନାକୁ ଠେଲ
ସେ ବାଣୀ ଗଗନେ ଯାଏ ମେଲ
କ୍ରନ୍ଦନ ହୁଅଁ ହୁଅଁ ହୁଅଁ
ଡାକ ଉଠେ ପୁଣି ହୁଅ ହୁଅ ।

ମଶାଣିରୁ ନଭ ଆସେ କୁଇ
ନଭେ ଯଥା ମନ୍ତ୍ର ଶୋକଭୟ
ତରଳାଇ ଶୀତର ତୁଷାର
ଆଙ୍କି ଏଥି ରଚ ଅନ୍ଧାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ଅମନ୍ଦ ମଳୟ ।

ଆକାଶର ଶଶି ସମ ଦୂରେ
କେତେ ରୂପ ଧରିଥିଲ ପ୍ରାଣେ
ଆକାଶର ଶଶି ସମ ମୋର
କେତେ ରୂପ ହେଲ ପ୍ରିୟତର
ଯଉବନ ଉଦ୍ଦାମ ଗାନେ
କେତେ ରୂପ ପରଶିଲ ପ୍ରାଣେ ।

କେତେ ରୂପ ହେଲଣି ଅରୂପ
ଏ ଜୀବନ-ପଥେ ରଖି ଦାଗ
ନିକଟ ଯେ ହୋଇଯାଏ ଦୂର
ଖାଲି କରି ମୋ ସୁଖ ପୁର
ନେଇ ଯାଏ କେତେ ଅନୁରାଗ
ଏ ଜୀବନ-ପଥେ ରଖି ଦାଗ ।

Digitized by srujanika@gmail.com

ଚେତନ ହେଲଣି କେତେ ଜଡ଼
କେତେ ଜୁଇ ହୁଏ ଧୂଆଁ ରବ !
ଅନେକ ଘସ୍ମାର କେତେ ଛବ
ପଥେ ଅସି ଯାଏ ପୁଣି ଦ୍ରବ
ରଚି ସୁଖ ଦୁଖ ନବ ନବ
କେତେ ଛୁଇ ହୁଏ ଧୂଆଁ ରବ ।

କେତେ ଶୀତ କେତେ ମଧୁମାସ
ଜୀବନର ଜୟ ପରାଜୟ
ଦୁର୍ଦ୍ଦିନ ଅମା କେତେ ଶତ
ଅନ୍ତରେ କାଟିଥିଲା କ୍ଷତ
ପୌଷର ଅମନ୍ଦ ମଳୟ
ପ୍ରାଣେ ପୁଣି ବଜାଏ ଦଳୟ ।

୧୧-୧-୬୨

Digitized by srujanika@gmail.com

ବର୍ଷାଋତୁ

ପବନ ସିର୍ ସିର୍
ବରଷା ଝିର୍ ଝିର୍
ପଡ଼ଇ ପଥଘାଟେ ବରଷି
କି କଥା ଭୁନ ଭୁନ
ବହୁତ ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି ।

ଚଳଇ ଧୀରେ ମେଘ
ଅକାଶେ ନାହିଁ ବେଗ
ଅଶନି ଘୋଷ ନାହିଁ ଶୁଭଇ
ପିଚ୍ଛିଳ ପଥେ ପାଦ
ରଚଇ ପରମାଦ
ମରମ କି ଦରଦ ଲଭଇ ।

Digitized by srujanika@gmail.com

ସଖିରେ ଏହୁ ବେଳେ
ଗୋପନ କଥା ହେଲେ
କହିବା ପାଇଁ ପୀଡ଼େ ପରାଣ
କୁମୁଦ ଦଳେ ଜଳ
ହୁଅଇ ଟଳମଳ
ଶୁଣିବି ପଦେ କଥା ମୋ ସ୍ୱନ ।

ଥରଇ ହୃଦୟ ମମ
କୁମୁଦ ଦଳ ସମ
ପ୍ରଥମ ପୀରତିର ବେଦନା
ଯେସନ ଉଠେ ଥର
ତରୁଣ ପ୍ରାଣ ଭର
ଜଗାଇ ନବ ନବ ବାସନା ।

ସଖୀରେ ସେହୁ ମଣ
ବରଷା କରେ ଗଣ
ଧବରେ ଉଥୁଳାଇ ପୁଲକ
ତନୁରେ ତନୁ ମିଶି
ନ ମାନେ ଦିବା ନିଶି
ନ ପଡ଼େ ଢଳେ ଜାହା ପଲକ ।

ଝରଇ ଅଳ ରନ୍ଧ୍ର
ଧରଣୀ ଦୁରୁବନ୍ଧ
ବକୁଳ ସ୍ୱେଦବର୍ଣ୍ଣୀ ସରଙ୍ଗ

Digitized by srujanika@gmail.com

ପଢ଼ିବ ଲେଖା ପରେ
କି ମୃଦୁ ବାଣୀ ଶରେ
ସହୁଛି ଘାତ-ସ୍ନେହ-ହରଣେ ।

ପୁରୁଣା ମେଘ ସହ
ଆପଇ ନୂଆ ହୋଇ
କରିବ ନୂଆ କଥା ରଚନା
କହିବ ଛବନର
ଗୋପନ କଥା ମୋର
ଲୁଚିଲୁ ପେତେ ଶତ ଶୋଚନା ।

କଟକ
୮ ।୧୧ ।୬୨

Digitized by srujanika@gmail.com

କୁହୁ ପ୍ରାସ

ଗୃଲଛି ଏକା ବିପଥେ ପଥେ
ନାହିଁରେ ସାଙ୍ଗୀ ସାଥୀ ,
ଗୃଲଛି ଏକା ନ ମାନି ଖରା
ବରଷା ଦିନ ରାତି,
ଶୁଖାଇ ଦେଇ ନୟନ ଜଳ
ମରମ ତଳେ ଜାଳି ଅନଳ
ଭୁଲିଛି ସବୁ ବେଦନା ସୁଖ
ନିନ୍ଦାରେ କାଳ କାଟି
ନ ମାନି ଖରା ବରଷା ଦିନ ରାତି ।

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସର
ବିଫଳ ଅବା ସଫଳ ଶଢ
ବାସନା ହୃଦେ ଭରି,
ମଥାରେ ଝରେ ନିଦାଘ ତାପ
ପାଦରେ ଜଳେ ଧରଣୀ ପାପ
ସକଳ କ୍ଳେଦ ବାଳମାଗ୍ନି
ଯାଉଛି ଅପସରି,
ପଥିକ କେତେ ଚଳଇ ମୋହ ଘନ୍ତ !

Digitized by srujanika@gmail.com

କପୋତ ଡାକେ ଡାହୁକ ଡାକେ
ଡାକନ୍ତି ସାରି ଶୁକ,
ତଥାପି ଧରା ଲାଗଇ କିବା
ରହିଛି ପଡ଼ି ମୂକ
ତଥାପି ଧରା ଜଡ଼ତାରାଶି
ଗଳାରେ ମୋର ଲଗାଏ ଫାଶୀ
ଚଳଇଁ ଶତ ଯାତନା ବହି
ଫିଟଇ ନାହିଁ ମୁଖ,
ଡାହୁକ ଡାକେ ଡାକଇ ସାରି ଶୁକ !

ଆମ୍ର ବନ ବିଛାଏ ଛାୟା
ତାହାର ତଳେ ଅସି
ନିଦାଘ ତାପ କରଇ ଦୂର
ସୁଦୂର ପରବାସୀ,
ପାଦପ ତଳେ କୁଟୀର କୁଳେ
କୃଷକ ଅବା ଶୋଇଛନ୍ତି ସୁଖେ
ତପନ ତୋଳେ ସକଳ ଶ୍ରମ
ଭାବନା ରାଶି ନାଶି
ଆମ୍ରବନ କୁଟୀର ତଳବାସୀ !

ଏ ବନ ଛାୟେ ଯାଆନ୍ତି ଚଳି
ଦଉଡି ପ୍ରିୟ ସଖୀ
ସହର୍ଷ ଗଡ଼ ଗ୍ରାମର ବାଳା
ଏ ପଥେ ପାଦ ରଖି ।

Digitized by srujanika@gmail.com

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ-ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି ।

କାହିଁରେ ମନ ହଜାଇ ଦେଇ
ଚାଲନ୍ତି ସଖୀ ଦୁଇ
ଜୀବନ କର କୋମଳ ପଦେ
ନିଦାଘ ବନେ ଭୁଇଁ ।
ସ୍କନ୍ଧେ କର ଭିଡ଼ି ନିବିଡ଼େ
ତନୁରେ ତନୁ ବଜାଇ ଧୀରେ
ନ ଗୃହେ ଫେରି ଯାଆନ୍ତି ଚାଲି
କାନନ ପଥ ଛୁଇଁ,
ଜୀବନ କରି ନିଦାଘ ବନଭୂଇଁ !

ସରଳ ମତି ସହଜ ଗତି
ଯାଆନ୍ତି ଚାଲି ବାଳୀ
ନ ବୁଝି ଏହି ନିଦାଘ ପଥେ
କି ରୂପରଶ୍ମି ଢାଳି,
ମୂର୍ଚ୍ଛିତ ଏହି ଧରଣୀ ପରେ
ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି
ନିମିଷେ ଦିଏ ଟାଳି
ସହଜ ଗତି ଯାଆନ୍ତି ଚାଲି ବାଳୀ ।

Digitized by srujanika@gmail.com

ତୁହିନ ବ୍ରୀଡ଼ା ଚଞ୍ଚଳତା
ତୁହିନ ଧବ ଷାପ
ପଡ଼ିନ୍ ପୂତ ତନୁର ପରେ
ପଥର ଅଭିଶାପ,
ତପତ ହସ୍ୱା ଶାନ୍ତସ୍ୱନ
ସେ ରୂପ ପ୍ରାଣେ ଭରିଲା ମମ
ନ ଛୁଏଁ ଯଥା ପାଦପ ଛାୟା
ନିଦାଘ ଘୋର ତାପ
ଛୁଇଁନ ତନୁ ପଥର ଅଭିଶାପ ।

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲି ଚାହିଁ
ପଥର ସେହି ଧାରେ ।
ପଲକହୀନ ନୟନ ତାର
ଅବଶ ହେଲା ପବଣ ଦ୍ୱାର
ସେ କେଉଁ ଦେଶେ ରହିଲା ଚାହିଁ
ସେ କେଉଁ ପର ପାରେ ।
ମୁଗ୍ଧ କବି ମୁରୁଛି ନାହିଁ ପାରେ ।

ସହସା ଏ କି ଶବଦ ନବ
ଉଠିଲା କାହିଁ ରବି,
କେଉଁ ଗଗନ ମୋହିତ ମରି
ଅମିଲ୍ଲ ଶଶି ଅଙ୍କ,

Digitized by srujanika@gmail.com

ଧରାର କେଉଁ ଅତଳ ତଳୁ
ଛୁଟିଲା ଭେଦ ବର୍ଣ୍ଣମରୁ
ସକଳ ପଥେ ସକଳ ଘାଟେ
ଚକିତ କଲା ବାଜି,
ଶବଦ ନବ ଉଠିଲା କାହିଁ ବାଜି ।

ଶରତ ଧଳା ବଉଦ ସମ
ସକଳ ରୂପବଣି
ମିଳାଇ ଗଲା ଚକିତେ ମୋର
ନୟନ ପଥେ ଭାସି,
ଆକାଶ ଧରା ଅଭେଦ ସମ
ନୟନପଥେ ଭାସିଲା ମମ
ସେ ଗୀତ ଅଛି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ ଧଳା ବଉଦ ସମ ଚକିତେ ଗଲା ଭାସି ।

ସକଳ ରୂପ ଅରୂପ ହେଲା
ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା
ମିଳାଇ ଗଲା ମନୁ,
ଆଜି ତ ମନେ ପଡ଼ଇ ନାହିଁ
ସେ କେଉଁ ପଥେ ଉଚ୍ଛୁଳି ଗୃହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ ।

Digitized by srujanika@gmail.com

ବିଶ୍ୱ ହେଲା ନିକଟତମ
ଅତହୁଁ ପ୍ରିୟ ପ୍ରାଣ
ଉଠିଲା ପୁଣ ସକଳ ଶତ
ସକଳ ଅବକାଶ
ସକଳ ଗ୍ଲାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତହୁଁ ପ୍ରିୟ ପ୍ରାଣ ।

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ
ସେ ଗୀତେ ମୁଁ ତ ପାଇନି ହଜି
ତାକୁ ତହୁଁ ପାଇଲି ଖୋଜି,
ସେ ଗୀତେ ମୋର ଶ୍ରବଣ ଭରି
ଝରିଲା କି ଅମିୟ,
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ ।

Digitized by srujanika@gmail.com

ରଜ

ବରଷ ଅଳସ ନିଦରେ
କେବେ ବହେ ପବନ
ବରଷ ବଦନେ ଧରଣୀ
ଯାନେ ଗୃହାଁନ୍ତି ଘନ ।

ଧୀରେ ଅଛ ଧୀରେ ପଡ଼ଇ
ଝର ବରଷା ଧାର
ଗଛରେ ନ ଗୃହେଁ ଗଗନେ
ରଜଃସ୍ୱଳା ଏ ଧର ।

ଫଳଧା ଅଳତା ଲଗାଇ
ମୂଣ୍ଡ ବାନ୍ଧ ଯତନେ
ଗ୍ରାମ ସୀମନ୍ତିନୀ ଆଦରେ
ଗୃହିଁଥିବେ ଗଗନେ ।

Digitized by srujanika@gmail.com

ବରଷା କାଳର ଅରମ୍ଭ
ବିରହିଣୀର ଦୁଃଖ
କାନ୍ତ କଥା ଭଲ ଲାଗିବ;
ମନେ ପଡ଼ିବ ମୁଖ ।

କେତେଭାତି ଦିନବା ଏପରି
ଆସିବ ଏ ଜୀବନେ
ବିରହ ଶୟନ ତେଜିବ
ଅଭିମାନ ବଦନେ ।

ନିଶାରେ ସପନ ଦେଖିବ
ହସି ଓଷ୍ଠ କୋଣର
ହାତ ଧରି କାନ୍ତ ଭୁଷିବେ
ଉଠ ମାନିନୀ ମୋର ।

ଚକିତେ ଗୁଣ୍ଠିବ ଚମକି
ପ୍ରାଣେ ହରଷ ଭରି
ନିର୍ଜନ ଅନ୍ଧାର ବାହାରେ
ବାଟ ପଡୁଛି ଝରି ।

ଛଳ ଛଳ ନେତ୍ରେ ପଡ଼ିବ
ମୁହଁ ମାଡ଼ି ଶେଯରେ
ନୟନେ ନବଘନ ମିଶିବ
ଅନ୍ଧକାର ଭେଳରେ ।

୧୫ । ୭ । ୨୦

ବ୍ୟର୍ଥ ସ୍ୱପ୍ନ

କାଲି ନିଶୀଥ ସପନ   ମନେ ପଡ଼େ ଘନ ଘନ
ଆନନ୍ଦ ବହଳ ଯେବେ ପଡ଼ିଥିଲା ଘରେ
ବନ୍ଧୁ ଲୋକଙ୍କ ସମାଗମ   ଅନ୍ତରେ ପୁଲକ ମମ
ଅପିଚ ସେ ପ୍ରାଣପୁର ଆଲୋ ଦେଇ କରେ ।

ହର୍ଷ ଉତ୍ଫୁଲ୍ଲ ନୟନେ   କି ଭାବଇ ମନେ ମନେ
ହରଷେ ଭବ ବୈଦଗ କେଉଁ ସୁଖ ଆଣି
ଦେଖିନ ତା ରୂପ ମୋଦେ   କହୁନି ସେ କଥା ପଦେ
'ଅପିଚ' ଅନ୍ତରେ ଖାଲି ବାଜେ ଏହି ବାଣୀ ।

Digitized by srujanika@gmail.com

ଖୋଜ ନାହିଁ ହୃଦ ଦେଇ ଅସିତ ଅପିତ ଏଇ
ସାନ୍ତ୍ୱନାରେ ଗଢ଼ି ନେଲି ମୋର ସୁଖ ଆଶା
କି ଦେଲୁ କି କଲୁ ପରେ ଅଛୁ ସ୍ମୃତି ପରପାରେ
ଯାଉ ନାହିଁ ଆଜ ଯାଏ ଯନ୍ତ୍ର କବ ଭ୍ରଷା ।

ନିଦ୍ରାଳସ ଆଖି ମେଲି ଫୁଲଙ୍କ ପରଶେ ଦେଲି
ଝୁହ୍ୱଁ ଯେବେ ବାହ୍ୱାରର ଛଟା ।
ପ୍ରଭାତର ଅନ୍ଧକାର ଅବିଶ୍ରାମ ବାରିଧାର
ବ୍ୟର୍ଥ ସ୍ୱପ୍ନ ଏ ଜୀବନ ଗୋଠା ।

୧୯ । ୭ । ୭୦

ମିଳନ

ଅନ୍ତରେ ଅନ୍ତରେ ଲାଗେ କିବା ଶୁଭ୍ର ମିଳନ
ସରଗର ସୁଧା ଝରି ପୁରି ଉଠେ ଜୀବନ ।
ହୃଦୟେ ହୃଦୟେ ଆଜି
କି ପୁଲକ ଉଠେ ବାଜି
କି ଆବେଗେ ନବ ତାନ ଉଚ୍ଛୁଳଇ ଯଉନ
ସରଗର ସୁଧା ଝରି ପୁରି ଉଠେ ଜୀବନ ।
ଯାଏ ଆସେ କେତେ ବର୍ଷ
ଏପନ କେତେ ଦିବସ
ମିଳିବ ଜୀବନେ କେତେ, ଦେଖିବ ବା ସପନ ।
ଆଶାରେ 'ସେ ଦିନ' ଗୁଣି
'ସେ ଦିନ' ତ ଆସେ ନାହିଁ
ଖୋଜି ବୁଲେ ତାହା ପାଇଁ ଧନ୍ୟ ସେହୁ ଯେ ଜନ ।
ତେବେ ସେ ଅଶା ମଙ୍ଗଳ
ଅନ୍ତରେ ଆଣଇ ବଳ
ସେ ଆଶାରେ ମୁଗ୍ଧଅଛି
ପୂରିଅଛି ଆଜି ସବୁ ସଦନ
ସରଗର ସୁଧା ଝରି ପୁରି ଉଠେ ଗଗନ ।
୨୭ । ୬ । ୨୦

Digitized by srujanika@gmail.com

୯

ସୁଦୂର ଗାନ

ରୂପସି ଖେଳ କଏ ରୂପର ଖେଳନା
ନୟନେ ଭରି ଦେଇ ରସର ଝରଣା
ଅଧରେ ଜ୍ୟୋତ୍ସ୍ନାର ମରିଛି କଳିକା
ଦଶନେ ଫୁଟିଉଠେ ପ୍ରଦୋଷ ମଲ୍ଲିକା
ଶୁଭ୍ର ବାସେ ତବ ଜଡ଼ିଛି ବାସନା
ରୂପସୀ ଖେଳ କଏ ରୂପର ଖେଳନା ।

ଗଜଲ ଗୀତ ସମ ଗତିର ଚମକ
ବାଜଇ ତାଳେ ତାଳେ ଯତିର ଜମକ
ମରଣ ଶିଖା ଉଠେ ମରମେ ଜଳି ଗୋ
ଦାରୁଣ ବ୍ୟଥା ବାଜେ ଜୀବନ ଦଳି ଗୋ
ଗୃହିଁଲେ ଗୃରୁ ତବ ପେଲବ ପଲକ
ଗଜଲ ଗୀତ ସମ ଗତିର ଚମକ ।

ଫଗୁଣ ଜଣାବାସେ ଝୁରଇ ଦୟିତ
ଫଗୁଣ ଅସେ କେତେ ଅସଇ ଚଇତ
କୁସୁମ ଦେଖି ଅସେ କୋଇଲି ଗାୟିକା
ଫେରଇ ନାହିଁ କିପାଁ ପରାଣ ନାୟିକା ?
ଯେ ଜନ ଯାଏ ଛାଡ଼ି ଫେରଇ ନାହିଁ ତ
ଫଗୁଣ ଜଣାବାସେ ଝୁରଇ ଦୟିତ ।

Digitized by srujanika@gmail.com

ଛୁଇଁଠି ଏ ଲୋଡ଼ା

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଅଙ୍ଗ ଦିଏ ଦେଖା ନିଶୀଥ ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା କୁହଇ ଅନସେ
ଦୂରେ ଭାବ ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ ।

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧାଇଁର ଦୟିତ
ଫେରାଇ ମୁଖ କରେ ଅଥାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ ।

୨୨ । ୨ । ୫୫

Digitized by srujanika@gmail.com

ମାନସୀ

ମରମେ ଲେଖଇ ବିରହ ଯାହାର ଦୁରୁହ ବ୍ୟଥା
ମିଳନ ଯାହାର ସଜଳ କରଇ କଜଳ ପତା
ସେହୁ ସେ ମନର ମାନସୀ ଆଖାରେ ଝୁରଇଁ ବସି
ତା ଲାଗି ଚିଠାଉ ଲେଖିବାକୁ ମୁଁ ଗୋ ଖୋଜଇଁ କଥା ।

ତା ଲାଗି ଅଙ୍ଗେ ଭସ୍ମ ବାନ୍ଧିଲି ଶିରରେ ଜଟା ।
ଚିର ଗଇରିକ ରଙ୍ଗ ଧରିଲି ପରାଣ ଗୋଟା ।
ଅନ୍ତର ତଳୁଁ ଝରି ପଡ଼େ ସଦା ବେଦନା-ମସୀ
ଏ ଦେହ ପରାଣ ଯେନି ସେ ନାଗସି ଖେଳଇ ଛଟା ।

ତୁମେ କହ ତାକୁ ମିଛ କଳପନା କେବଳ ଭ୍ରମ
ଜୀବନେ ଯାହା ମୋ ଏକଇ ସତ୍ୟ ନିକଟତମ
ତୁମ ଯାନ ମାନ ଅନ୍ତ୍ରାଳଠାରୁ ଅଧିକ ସତ
ସେହୁ ସେ ମାନସୀ ଚିର ଆରାଧନା ସାଧନା ମମ ।

Digitized by srujanika@gmail.com

ରୂପ ବେଶଭୂଷା ନ ଥିଲେ ତୁମକୁ ଲାଗଇ ଲାଜ
ଶଢ ପଦ୍‌ପାଠୀ କରି ଆପଣାର ଅବାସ ସାଜ
ତା ବନେ ଭୁବନ ଅନ୍ଧାର ଦିଶେ ଗହନ ବଣ
ତା ପାଇଁ ମିଥ୍ୟା ଶିଖି ନାହିଁ କହୁ ନ ଜାଣେ ବ୍ୟାଜ ।

ସଧୀର ଗତିରେ ବଙ୍କିମ ଚଳଇ ଶଇଳ-ଚୂଳେ
କରୁଣ କାକୁଡ଼ି ଗାଳଇ କପୋତ କଦମ୍ବ-ମୂଳେ
ତୁମେ କହ ତାର ନାହିଁ କିଛି ମୂଲ ଭୁବନ ହାଟେ
ମୁକ୍ତା ଭଣିତା ଝରଏ ସେ ମୋର ପରାଣ ତୂଳେ ।

ଏହି ଛୋଟ ଛୋଟ ବସ୍ତୁ ଯେବେ ମୁଁ ଖେଳଇଁ ଖେଳ
ରଞ୍ଜି ଦେବାକୁ ମାନସୀ ପ୍ରିୟାର ସ୍ୱର୍ଣ୍ଣ ଟେଲ
ତାହାରି ଭୂଷଣ ଖୋଜି ମୁଁ ବାଉଳ ବୁଲଇଁ ବାଟେ
ଅରୂପ ରୂପର ଉପାସନା କରି କାଟଇଁ କାଳ

୪ । ୩ । [illegible]

Digitized by srujanika@gmail.com

ସ୍ୱପ୍ନ ସୃଜନ

ଏମନେ କି ଦିନ ପରେ ଦିନ
କେବଳ କି ଶୂନ୍ୟ ଉଦାସୀନ
କେବଳ ବ୍ୟର୍ଥତା ଘେନି ଅସୀମ କାଳ ଗରଭେ
ଧୀରେ ଧୀରେ ହୋଇଯିବ ଲୀନ ?
ନ ଆଣିବ 'ଅଦ୍ଧା' ପଦେ, ନ ଆଣିବ
ପଦେ ଆଶ୍ୱାସନା
ରିକ୍ତ ହସ୍ତେ ଫେରିବି ମୁଁ ବନ୍ଧୁ ମୋର
ଘେନି କ୍ଷୀଣ ମଳିନ ବାସନା ।
ସେ ବାସନା ଅତି ପୁରାତନ
କାଳର ଅନ୍ଧ-ତମସେ ରହିଅଛି ମୂକ ଅଚେତନ
ସେ ଅନ୍ଧାରେ ଯଣ ପାଇଁ ନ ଉଦିବ ପ୍ରଭାତୀ ଆଲୋକ
ଚିର ଅପଲକ
ଯାଚିବ ଏମନେ କେତେ
ବିନିଦ୍ର ଯାମିନୀ

Digitized by srujanika@gmail.com

ସ୍ମୃତିର ନୀରବେ କେତେ ଶରତର ଶୁଭ୍ର ଶୋଭା
ଶ୍ରାବଣ ଚଞ୍ଚଳ ସୌଦାମିନୀ
ଅବଶେଷେ
ଦୀନ ହୀନ ଏ କାଙ୍ଗାଳ ବେଶେ
ଶୂନ୍ୟ ମୋର କକ୍ଷେ
ଅପ୍ରତ୍ୟକ୍ଷେ
ଚଳଚ୍ଛ ଶତ ଶୂନ୍ୟତା ବନ୍ଧୁ ଏହୁ
ଦୁରୁବଳ ବକ୍ଷେ ?
ବୃଥା ଦିବସ ନିଶିର ସନ୍ତପ୍ତ ଭାବନା
ଅଶ୍ରୁ ଏ କାନ୍ଦଣା
ଅନ୍ତରର ଅନ୍ତସ୍ଥଳୁ ଉଠେ କରି ମନ୍ଦା
ହାହାକାର
ଏ ସକଳ ନିଷ୍ଫଳ ବିକାର ?
ବୃଥା ବସି ବସି ଗଢିବେ ଏ ସ୍ୱପନ ସୃଷ୍ଟି
ବିଚିତ୍ର କଳପନା ?
ସବୁ ଅସମ୍ଭବ କିବା ସବୁ ବିଡମ୍ବନା ?
ସବୁ ଆଶା
ଅନ୍ତରର ଅନନ୍ତ ପିପାସା
ନାହିଁ ତାର ପରିଣାମ ! ଉଦ୍ଦେଶ୍ୟ ବିହୀନ
ସବୁ ଗୀତ ଛନ୍ଦ ଭାଷା ?
ଉଦାସ ଏ ସାନ୍ଧ୍ୟ ଗଗନେ
ଏକାକୀ ବଧୂରେ କାକ ଡାକୁଥାଏ
ଖାଲି ବୃଥା ଖାଲି ଅକାରଣେ ?
ସେ ପ୍ରୀତି ବ୍ୟଥାରେ ଫୁଲ ହସି ଉଠେ ବରଣେ ବରଣେ
ମ୍ଳାନ ହାସେ
ସୁଦୂର ଏ ଗୋଧୂଳି ଆକାଶେ

Digitized by srujanika@gmail.com

ଛଳ ଛଳ ନୟନରେ ଚାହିଁ ରହେ ସନ୍ଧ୍ୟା ତାରା
ନିରୁଦ୍ଦେଶ ସେ ଖାଲି ହୁତାଶେ ?
କୁଆଡ଼େ ମଳୟ ଆସେ ନାହିଁ ତାର କହୁଁ ସନ୍ଦେଶ !
ସେ କେବଳ ଶୂନ୍ୟ ନିରୁଦ୍ଦେଶ !
ସତେ ଶତ ବେଦନା ବାଜେ ଏ ମରମେ ମମ
ସନ୍ଧ୍ୟା ସମ
ମୃଦୁ ମୃଦୁ ତା ପଦ ଗୁଞ୍ଜନ
କ୍ଷୀଣ ଏ ଅନ୍ତରର ମମ ଜଗାଏ ସେ ବିପୁଳ ସ୍ପନ୍ଦନ
ଖୋଜିଲେ କାରଣ ତାର
ବାରମ୍ବାର
ନାହିଁ ପାଏ କାହିଁ ହେଲେ ଛଳେ
ତା ବୋଲି ସେ ଅକାରଣ ? ଜୀବନର ସଦା ଅହରହ
ସଙ୍ଗୀ ସମ ଯେ ବେଦନା ଚିରନ୍ତନ ଲାଗିଛି ନିବିଡ଼େ?
ଦିବସର କର୍ମଶେଷେ ଗୋଧୂଳି ଗଗନେ
ଚାହିଁ ରହେ ଯେବେ ଅନମନେ
ଅବସର ସମୟର କ୍ଷୀଣ ଏକ ସ୍ୱର
ହୃଦ ମୋର୍
କ୍ଷଣେ ଯାହା ମିଳାଏ ଅଜାଣେ
ସେ କେବଳ ମିଥ୍ୟା ଆହା କେବଳ କି ଅକାରଣେ ?
କ୍ରନ୍ଦଇ ସେ କାହାର ସକାଶେ ?
କେତେ ନବ ନବ ସ୍ୱର ଛନ୍ଦେ
ଜୀବନର ଶତ ରାଗି ସ୍ଫୁରି ଉଠେ
କେବେ ଦୁଃଖେ, କେବେ ମହାନନ୍ଦେ
ଏ ଭୁବନେ
ବିରହର ବିଧୁର ଲଗନେ
କେବେ ଆପଣାରେ ମୁଁ ଗୋ ମଣେ ବସି ସାଥୀ ହୀନ

Digitized by srujanika@gmail.com

ଚିର ଅସହାୟ
ହୃଦୟ ହାୟ
ନାହିଁ ପ୍ରେମ ନାହିଁ ଆଶା
ଏ ଜୀବନ ମୃତ୍ୟୁ ଏକ ଅନନ୍ତ ପିପାସା
ନାହିଁ ଯାର ଅବସାନ
ନାହିଁ ଯାର ତୃପ୍ତି
ଚିର ସୁପ୍ତି -
ତଳେ ଏ ଦେଖଇ ଖାଲି ବିଚିତ୍ର ସ୍ୱପନ
ମିଥ୍ୟା ଅକାରଣ
ଜୀବନର ନାହିଁ ଲେଖା କେବଳ ଗୋ
ମରଣ, ମରଣ ।
ଅନ୍ୟ କ୍ଷଣେ
ଆଶା ଆନନ୍ଦର ଉତ୍ସ କରି ମୁଁ ଗୋ
ଏ ଜୀବନେ ମଣେ
ଯାର ଆଦି ଅନ୍ତ
କି ବିଚିତ୍ର ଉପକରଣେ ଗଠିତ ସେ
ନୁହଇ ମୋହର କଳ୍ପିତ
ସେ ଜୀବନ
ସତ୍ୟ ସେ ଗୋ, ସତ୍ୟ ସେ ଗୋ
ନୁହଇ ସେ ଅଳୀକ ସ୍ୱପନ

Digitized by srujanika@gmail.com

ଆଗାମୀ

ବଜ୍ର ଗରଜଇ, ସଘନ ବହେ ବାୟୁ
ମଉଳା କଢ଼ି ସମ ଝଡ଼େ ମୋ ପରମାୟୁ
ଅସୀମ ସମୟର କୋଳେ ସେ ହୁଏ ଲୀନ
ଅଗାଧ ଜଳନିଧି ତଳରେ ଯଥା ମୀନ
ବନ୍ୟା ସମ କେତେ ଆସଇ ଶୋକ ମାଡ଼ି
ପରଶେ ଅକରୁଣ ଆଘାତ ଯାଏ ମାରି
ଅସରିଯାଏ ଦେହ ପାଦରୁ ଖସେ ଭୁଇଁ
ଅଛୁ ବା ନାହିଁ ନିଜେ ନ ପାରେଁ ବୁଝି ମୁହିଁ
ତଥାପି ଦୁନିଆକୁ ଦାରୁଣ ହସ ହସି
ଆଗାମୀ କାଳର ମୁଁ କବିତା ରଚେଁ ବସି ।

ଶରତ ସକାଳର କାକର ପରି ମୃଦୁ
ବାସନା ଆସି କେତେ ମିଳାଇ ଯାଏ ହୃଦୁ ।
ଶରତ ସକାଳର ଶେଫାଳି ଫୁଲ ପରି
ଦିନକ ପରେ ଦିନ ନୀରବେ ପଡ଼େ ଝରି
ଜୀବନେ ଯେଉଁ କଥା ହୋଇଲା ଦୁର୍ବହ
ଛନ୍ଦରେ ଲୁହା ଘମ ଢାଳିଲି ଠହ ଠହ

Digitized by srujanika@gmail.com

କି ଅଛି ପରିଣାମ କି ଅବା ତାର ଗନ୍ଧ
ବଜ୍ର ସମ ଦହନେ ହେବ କି ଉତ୍ପନ୍ନ ?
ଜୀବନ ଦଣ୍ଡଦଣ୍ଡ କରିଭାଇ ରବି ଶଶୀ
ଆଗାମୀ କାଳର ମୁଁ କବିତା ରଚେଁ ବସି ।

ଯୋଡ଼ିଛି ଛନ୍ଦ ମୁଁ ବିପୁଳ ଜୀବନର
ଖେଳଇ ନିତି ଯହିଁ ବିଶ୍ୱ ଚରାଚର
ଶୁଣିଛି ମରଣକୁ କରି ଯେ ଉପହାସ
ବେଦନା ଶୋକ ତାପେ ପାଉଛି କିରି ହାସ
ଉଠଇ ନାଚି ଯହିଁ ଉର୍ମି ହରଷର
ଶୁଣିଛି ନ ଗଣି ଯେ କିଏ ବା ନିଜ ପର ।
ବିରାଟ ଏ ଜୀବନେ ସବୁରି ଅଛି ମୂଲ
ବୁଝଇ ନର ତହିଁ ପଢ଼ିଲେ ନିଜ ଭୁଲ
ପଢ଼ିଲେ ପର ଦୁଖ ପାରଇ ଅନୁଭବି
ଆଗାମୀ କାଳର ମୁଁ କବିତା ରଚେଁ କବି ।

ପୁରୁଣା ଅଛି ଯେତେ ନୁଆର ଶାପଗ୍ରସ୍ତ
ନିଏ ଯେ ବାଛି ତହିଁ ନିଜର ଯାହା ଇଷ୍ଟ ।
ମିଳାଏ ଅନ୍ଧାର ତାହାର ମହା ତେଜେ
କୋଟିଏ ସୂର୍ଯ୍ୟର ରଶ୍ମି ଆଣେ ସେ ଯେ
ମରଣ-ମୁଖୀ ଯେତେ ଶକ୍ତି ଚିର ତାର
ଛଳନା ମିଛ ପାଇଁ ବନ୍ଦ କରେ ଦ୍ୱାର
ଦୁନିଆ ପରେ ଯେତେ ବଢ଼ିଛି ଅକାରଣ
ତାହାର ପରଶୁରେ କାଟଇ ସବୁ ବଣ
ତାହାର ପରଶରେ ମୁକ୍ତ ହୁଏ ଧରା
ମୁଁ ସେହି ଜୀବନର କବିତା ରଚେଁ ପରା ।

Digitized by srujanika@gmail.com

କବିତା ଗଢ଼େଁ ଏକ ବିଶ୍ୱ ସମାଜର
ସବୁରି ପାଇଁ ଯହିଁ ବଖରେ ହେଲେ ଘର ।
ସନ୍ତାନେ ଲଭିବାକୁ ମୁଠାଏ ଦୁଧଭାତ
ପୋଷ୍ୟ ଯେତେ ଯହିଁ ବାଳକ ବାଳିକା ତ ।
ଦୁଇଟା ଲୁଗା ଜାମା ସବୁରି ପାଇଁ ମିଳେ
ପଢ଼ିବା ପାଇଁ ବାଧା କାହାର ନାହିଁ ଚଳେ
ବେକାର ରହିବାକୁ ନାହିଁ ଟି ଅଧିକାର
ସବୁରି ପାଇଁ କାମ ଯୋଗାଏ ସରକାର
କହିବା ପାଇଁ କଥା ସବୁରି ଦାବୀ ଅଛି
ମୁଁ ସେହି ସମାଜର କବିତା ବସେଁ ରଚି ।

ନାହିଁ ଟି ଅଧିକାର ମରିବା ଲାଗି ଯହିଁ
ଭିକ୍ଷା ଅନାହାରେ ତାଡ଼ନା ଖାଇ ସହି,
ମରିବା ପାଇଁ ପୁଣି ଧନର ପାବଦାରେ
ନାହିଁ ଟି ଅଧିକାର କାହାର ସେହିଠାରେ ।
ଗରିବ ଯେ ସମାଜେ ଜାଣଇ ନାହିଁ ସ୍ୱତ
ଧନୀକ ନ କରଇ ଧନରେ ଜବାଇତ ।
ଧନର ବଳମସ୍ତେ ନ ହୁଏ କିଣା ସତ୍ୟ
କେବଳ ପଶୁ ଯହିଁ ବୋଲାଏ ନାହିଁ ପ୍ରଭୁ
କେବଳ ମୂର୍ଖର ଶବଦ ନାହିଁ ଲୋକେ
ଆଗାମୀ ସମାଜର କବିତା ରଚେଁ ମୁଁ ଯେ ।

କବିତା ରଚେଁ ପୁଣି ନୂତନ ଧର୍ମର
ପୁରୋଧା ହୁଏ ଯହିଁ ସର୍ବେ ଅପାମର
କାହାର ସେ ଧରମେ ନାହିଁ ଟି ଟିକେ ଦାବୀ
ପଣ୍ଡିତ ମଥା କୋଡ଼ ମରିବ ଭସ୍ମେ ଲୁଚି ।

Digitized by srujanika@gmail.com

କହଇ ସେ ଧରମ ସହଜ କଣ୍ଠ କଥା
ଆଲୋକ ବାୟୁ ସମ ଅଣଇ ସ୍ୱାଧୀନତା ।
ଭଗ ଅଟେ ଯାହା ରହୁଛି ଦେଯ ବା ଶୀତ
କେବେତ ବା ସତ୍ ଛନ୍ଦୁ କେବେ ଖା ଭୁଖ ମିତ
ସକାଳ ଏତ ଯହୁଁ ଉଠଇ ମଥା ଟେକି
ସେହୁ ଦ୍ୟେ ଧର୍ମର ଗାଥା ମୁଁ ବସେଁ ଲେଖି
ମିଛରେ ଗଢ଼ା ଯାହା ପଢ଼ିବ ଯେବେ ଲୋକ
ଅଗାମୀ ସେ କାଳର ବଦଭା ରହେଁ ଆଛି ।

PRINTED BY SRI DIBAKAR MISRA
AT PARAMARTHI PRINTING WORKS, CUTTACK.

Digitized by srujanika@gmail.com

ପ୍ରକାଶକ—ଭାରତୀ ବିହାର

ପରମାର୍ଥ ପ୍ରେସ୍ ଓ୍ୱାର୍କସ୍

Digitized by srujanika@gmail.com